শ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ-୩୦ ● ସଂଖ୍ୟା-୩୪୪ ● ୧୩ଜାନୁଆରୀ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -30 ● Issue-344 ● 13rd January 2024, Saturday ● Bhubaneswar | Licensed to post without pre-payment of postage No- BN-60/22-24


# ମହିଳାଙ୍କ ଭାଗିଦାରୀ ଓଡ଼ିଶାର କୃଷିକୁ ସମୃଦ୍ଧ କରିପାରିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୧

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନତା ମଇଦାନଠାରେ କୃଷି ଓଡ଼ିଶା-୨୦୨୪କୁ ଉଦ୍‌ଘାଟନ କରିଛନ୍ତି । ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ୩ ଦିନ ଧରି ଚାଲିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କୃଷିରେ ମହିଳାଙ୍କ ଭାଗିଦାରୀ ଓଡ଼ିଶାର କୃଷିକୁ ସମୃଦ୍ଧ କରିପାରିଛି ବୋଲି କହିଛନ୍ତି । ଏଥି ସହିତ କୃଷି ଓଡ଼ିଶା-୨୦୨୪ର ବିଷୟବସ୍ତୁ ରହିଛି 'କୃଷି ପ୍ରଗତିରେ ମହିଳା'। କୃଷିକୁ ଅଧିକ ଲାଭଦାୟୀ କରିପାରିଥିବା ମହିଳା କୃଷକଙ୍କ ସର୍ବୋତ୍ତମ ଉତ୍ପାଦ ଓ ଅନୁଶୀଳନକୁ ପ୍ରଦର୍ଶିତ କରିବା ପାଇଁ ଏଥିରେ ଲକ୍ଷ୍ୟ ରଖାଯାଇଛି।



କୃଷି ଓଡ଼ିଶା-୨୦୨୪ରେ ମହିଳା କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା କୃଷି ଉଦ୍ୟୋଗୀ, ବ୍ୟବସାୟିକ ସଂସ୍ଥା, ସେବା ପ୍ରଦାନକାରୀ ପ୍ରତିଷ୍ଠାନ, କୃଷି ଉଦ୍ୟୋଗୀ ଓ ଶିଳ୍ପଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ପ୍ରମୁଖ ଲକ୍ଷ୍ୟ ରହିଛି। ରାଜ୍ୟର କୋଣ ଅନୁକୋଣରୁ ପ୍ରାୟ ୫ହଜାର ମହିଳା କୃଷକ ଏବଂ ୨ହଜାର ମହିଳା ସ୍ୱୟଂ ସହାୟକ (ପୃଷ୍ଠା ୭ରେ)

## ରୂପାନ୍ତରଣର ବଡ଼ ଉଦାହରଣ କଳାହାଣ୍ଡି

# ୭ ମାସ ଭିତରେ ମଞ୍ଜୁର ହୋଇଛି ୫୭୦ କୋଟି: ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୧୨।୧

ନ୍ୟୁଜ୍ ବ୍ୟୁରୋ

ରୂପାନ୍ତରଣର ସବୁଠୁ ବଡ଼ ଉଦାହରଣ ପାଲଟିଛି କଳାହାଣ୍ଡି । ମେଡିକାଲ କଲେଜ, ୟୁନିଭର୍ସିଟି, ଇଂଜିନିୟରିଂ କଲେଜରୁ ଜଳସେଚନ ପର୍ଯ୍ୟନ୍ତ ସବୁ ସୁବିଧା ଯୋଗାଇ ଦିଆଯାଇଛି। ଚାଷୀଙ୍କ ପାଇଁ କଳାହାଣ୍ଡିରେ ଜଳସେଚନ ପାଇଁ ଯେଉଁ କାମ ହୋଇଛି ସାରା ରାଜ୍ୟରେ ଆଉ କେଉଁଠି ହୋଇନି। ଚାଷୀ ଭାଇଙ୍କ ଜୀବନରେ ବହୁତ ବଡ଼ ଧରଣର ରୂପାନ୍ତରଣ ହୋଇଥିବା ଭବାନୀପାଟଣା ଶ୍ରୀକ୍ରିଷ୍ଣ ପଡ଼ିଆରେ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ କହିଛନ୍ତି।



କଳାହାଣ୍ଡି ଜିଲ୍ଲାକୁ ବହୁତ ଭଲ ପାଆନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜେ ୫-ଟି ଅଧ୍ୟକ୍ଷ ୨୦୦୨ରେ କଳାହାଣ୍ଡିରେ ଦୁଇ ବର୍ଷ କାମ କରିଛନ୍ତି। ଗାଁ ଗାଁକୁ ଯାଇ ବୁଲି ଦେଖିଥିଲେ କଳାହାଣ୍ଡି କେମିତି ଥିଲା । ଆଉ ଏବେ କଳାହାଣ୍ଡି କେମିତି ହୋଇଛି। ସେକଥା ସମସ୍ତେ ଜାଣିଛନ୍ତି। କଳାହାଣ୍ଡିବାସୀଙ୍କୁ ପୁରୁଣା ପରିବାର କହି ସମ୍ବୋଧନ କରିଥିଲେ ଶ୍ରୀ ପାଣ୍ଡିଆନ।

ଗତ ମେ ୧୯ ଓ ୨୦ ତାରିଖରେ ସେ କଳାହାଣ୍ଡି ଆସିଥିଲେ। ସେତେବେଳେ ପାଖାପାଖି ୨ହଜାର ଦରଖାସ୍ତ ନେଇଥିଲେ। ଏହା ମଧ୍ୟରେ ୧୮ଶହ ଦରଖାସ୍ତର ସମାଧାନ ହୋଇଛି । ୭ମାସ ଭିତରେ କଳାହାଣ୍ଡି ଜିଲ୍ଲା ପାଇଁ ୫୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। କଲେଜ (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଆଗରୁ ୧୧ଦିନିଆ ଅନୁଷ୍ଠାନ ଆରମ୍ଭ କଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୧୨।୧

ଜାନୁଆରୀ ୨୨ରେ ଅଯୋଧ୍ୟା ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଆଗରୁ ୧୧ଦିନିଆ ଅନୁଷ୍ଠାନ ବା ଦେବାରଧନାଦି କର୍ମ କରିବେ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି।

ଏକ୍ସରେ ସେୟାର କରିଥିବା ୟୁଟ୍ୟୁବ ଅଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଆଉ ମାତ୍ର ୧୧ ଦିନ ବାକି ରହିଲା। ମୋର ସୌଭାଗ୍ୟ ଯେ, ମୁଁ ଏହି ପୁଣ୍ୟ ଅବସରରେ ଦେଖିପାରିବି । ପ୍ରାଣ ପ୍ରତିଷ୍ଠା ସମୟରେ ପ୍ରଭୁ ମତେ ଭାରତବାସୀଙ୍କ ପ୍ରତିନିଧିତ୍ୱ କରିବା ଲାଗି ନିମିତ୍ତ କରିଛନ୍ତି।

ଏଥି ପ୍ରତି ଧ୍ୟାନ ଦେଇ ମୁଁ ଆଜିଠାରୁ ୧୧ ଦିନିଆ ବିଶେଷ ଅନୁଷ୍ଠାନ ଆରମ୍ଭ କରିବି। ଜନତାଜନାର୍ଦ୍ଦନଙ୍କ ଆଶିଷ ପ୍ରତ୍ୟାଶା କରୁଛି। ଏଭଳି ମୁହୂର୍ତ୍ତରେ (ପୃଷ୍ଠା ୭ରେ)

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା

ପୁରୀ, ୧୨।୧ : ନ୍ୟୁଜ୍ ବ୍ୟୁରୋ

୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ୫ ଥାକିଆ ସୁରକ୍ଷା ବ୍ୟବସ୍ଥାରେ ୪୪ ପ୍ଲାଟୁନ ପୁଲିସ ଫୋର୍ସ ସମେତ ବରିଷ୍ଠ ଅଧିକାରୀ ମୁତୟନ ହେବେ। ଆଜି ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ପୁଲିସ ମୁତୟନ ରହିବେ। କେବଳ ୧୭ ତାରିଖ ଦିନ ପାଇଁ ପୁଲିସର ଅଧିକ ୨୦ ପ୍ଲାଟୁନ ଫୋର୍ସ ସମେତ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯିବ। ପୁରା ସହର ସିସିଟିଭିର ତୀକ୍ଷ୍ଣ ନଜରରେ ରହିବ। ସାଧାରଣ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ନେଇ ମଧ୍ୟ ପୁଲିସ ବ୍ୟବସ୍ଥା ରହିବ। ଯଜ୍ଞସ୍ଥଳୀରେ କଡା ସୁରକ୍ଷା ବ୍ୟବସ୍ଥା ରଖାଯିବା ନେଇ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ ନେଇ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏ ନେଇ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂହ ସୂଚନା ଦେଇଛନ୍ତି।








# ଆଜି ବେତନଟୀରେ ବିଏସ୍‌ଏନ୍‌ଏଲ ୪-ଜି ମୋବାଇଲ ଟାୱାର ପାଇଁ ଶିଳାନ୍ୟାସ କରିବେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ର ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ମୟୂରଭଞ୍ଜ ଜିଲ୍ଲାର ମୁକ୍ତାପୁର ପଞ୍ଚାୟତ ଅନ୍ତର୍ଗତ ମନତାପାଳ ଗ୍ରାମରେ ବିଏସଏନଏଲ ୪-ଜି ମୋବାଇଲ ଟାୱାର ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିବେ । ଶନିବାର ଅପରାହ୍ନ ୩ଟା ୧୫ ମିନିଟ୍ ସମୟରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମନତାପାଳ ଗ୍ରାମରେ ୪-ଜି ମୋବାଇଲ ଟାୱାର ପ୍ରତିଷ୍ଠା ହେବାଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉନ୍ନତମାନର ମୋବାଇଲ ଓ ଇଣ୍ଟରନେଟ ସେବା ଉପଲବ୍ଧ ହୋଇପାରିବ ବୋଲି ଆଶା କରାଯାଉଛି ।

# ସିଂହନାଥ ଦେବଙ୍କ ପୀଠରେ ମକର ମେଳା:ଟିବ୍ରିଜ୍‌ରେ ଯାନବାହାନ ଚଳାଚଳ ନିଷେଧ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ପବିତ୍ର ସିଂହନାଥ ଦେବ ପୀଠ ଠାରେ ମକରଯାତ୍ର ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିବାକୁ ଆୟୋଜନ କରାଯାଇଛି । ଏହି ଅବସରରେ ହଜାର ହଜାର ଭକ୍ତଙ୍କର ଜନ ସମାଗାମ ହେବାର ଥିବା ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ମକର ଯାତ୍ରା ଅବସରରେ ହେବାକୁ ଥିବା ଜନ ସମାଗମ ଏବଂ ଟ୍ରାଫିକ ନିୟନ୍ତ୍ରଣର ସୁପରିଚାଳନା ନିମନ୍ତେ ତା ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଟିସେତୁ ଉପରେ କୌଣସି ପ୍ରକାର ଯାନବାହାନ ଚାଳନକୁ ନିଷେଧ କରିବା ନିମନ୍ତେ ନୋଟିସ ଜାରି କରାଯାଇଛି । ବସ୍, ଟ୍ରକ୍ ଆଦିର ଚଳାଚଳ ସମ୍ପୂର୍ଣ୍ଣ ନିଷେଧ ଥିବା ବେଳେ, ଦୁଇ ଚକିଆ ଯାନ ଗୁଡ଼ିକୁ ବ୍ରିଜ୍ ପାଖରେ ରଖିବା ପାଇଁ ପାର୍କିଙ୍ଗ ବ୍ୟବସ୍ଥା କରାଯାଇଛି । ତେଣୁ ମକର ଯାତ୍ରାକୁ ସୂଚାରୁ ରୂପେ ଶାନ୍ତି ଓ ଶୃଙ୍ଖଳା ସହ ପରିଚାଳନା କରିବା ପାଇଁ ଜନ ସାଧାରଣଙ୍କ ଏହି ପରିପ୍ରେକ୍ଷୀରେ ସହଯୋଗ କାମନା କରାଯାଉଛି ।



**ଯାଜପୁର:** ଅର୍ପଣ ରଥ ଦାନଗଦି ବ୍ଲକରେ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରିତୀରଞ୍ଜନ ଘଡ଼ାଇ ଉଦ୍‌ଘାଟନ କରିବା ସହ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ **(ଫଟୋ:ସମ୍ବାଦ କଳିକା)**



# ସୋନପୁର ପୌରାଞ୍ଚଳରେ ଅର୍ପଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସଦର ମହକୁମା ପୌର ପରିଷଦ ଠାରେ ଗୁରୁବାର ଅର୍ପଣ ରଥର ଶୁଭାରମ୍ଭ ହୋଇଛି । ଡିଆରଡିଏପିଡି ଡୁଡ଼ା ବିଶ୍ୱନାଥ ବାରିକ ଏହି ରଥକୁ ଶୁଭାରମ୍ଭ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ପୌରଅଧକ୍ଷା ତାମସ୍ମିତା ନାଏକ, ପୌର ଅଧିକାରୀ ମାନୋରଞ୍ଜନ ପଣ୍ଡା ଯୋଗଦେଇ ସହରରେ ବିଭିନ୍ନ ୱାର୍ଡ ମାନଙ୍କରେ ରଥ ପରିକ୍ରମା କରାଇ ଲୋକଙ୍କୁ ଏହାର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ । ୱାର୍ଡ ନମ୍ବର୍ ୩, ୪, ୬, ୧୩ ରେ ଏହି ଅର୍ପଣ ରଥକୁ ଲୋକେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରି ଶ୍ରୀ ଜଗନ୍ନାଥଙ୍କୁ ଅରୁଆ ଚାଉଳ ଫୁଲ ଅର୍ପଣ କରିଥିଲେ । ପୌର ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରର ସମସ୍ତ ୱାର୍ଡର କାଉନସିଲର ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ଯୋଗ ଦେଇଥିଲେ । ଏହି ଅବସରରେ ହଜାର ଲୋକଙ୍କ ଉପସ୍ଥିତିରେ ନାମ ସଂକୀର୍ତ୍ତନ ମଣ୍ଡଳୀର ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ମଧ୍ୟରେ ଅର୍ପଣ ରଥକୁ ସହର ପରିକ୍ରମାର ଶୁଭାରମ୍ଭ କରାଯାଇଥିଲା । ଶ୍ରୀକ୍ଷେତ୍ରର ଏହି ପବିତ୍ର ଯଜ୍ଞ ଅନୁଷ୍ଠାନରେ ଆଧ୍ୟାତ୍ମିକ ଓ ମାନସିକ ସ୍ତରରେ ଯୋଡି ହୋଇ ଜଗନ୍ନାଥ ସଂସ୍କୃତିକୁ ଉଦ୍‌ଜୀବିତ କରିବାକୁ ପ୍ରତି ପରିବାରରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଛି ।

# ଉନ୍ମୋଚିତ ହେଲା 'ଫୁଲ' ପତ୍ରିକା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ରବିବାର ଦିନ କାଦମ୍ବିନୀ ପତ୍ରିକା ହାଟରେ ତ୍ରୈମାସିକ ସାହିତ୍ୟ ପତ୍ରିକା 'ଫୁଲ' ଉନ୍ମୋଚିତ ହୋଇଯାଇଛି । ଏହି ଉନ୍ମୋଚନ ଉତ୍ସବରେ କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ବିଶିଷ୍ଟ ଲେଖିକା ଅପର୍ଣ୍ଣା ମହାନ୍ତି ଏବଂ ପ୍ରବାସିନୀ ମହାକୁଡ଼, ସମ୍ପାଦକ ପୀତବାସ ରାଉତରାୟ ତଥା ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ବିଜୟାନନ୍ଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଡ. ଶ୍ରୀଶ ପଟେଲ ଏହାର ମୁଖ୍ୟ ସମ୍ପାଦକ ଥିବାବେଳେ ଯୁଗ୍ମ ସମ୍ପାଦିକା ଅଛନ୍ତି ଡ. ତପସ୍ୱିନୀ କର ଏବଂ ମୀନାକ୍ଷୀ ରାଉତରାୟ । ସେହିପରି ବଳଦେବ ମହାରଥା କଳା ସମ୍ପାଦକ ଥିବାବେଳେ ସଂଯୋଜକ ଦାୟିତ୍ୱରେ ରହିଛନ୍ତି ପୀତବାସ ରାଉତରାୟ । ବିଶିଷ୍ଟ ଲେଖକମାନଙ୍କ ନିର୍ବାଚିତ ଲେଖା ସବୁ ଏଥିରେ ପ୍ରକାଶ ପାଇଛି । ପୁରସ୍କୃତ ପ୍ରତିଭାମାନଙ୍କୁ ନେଇ ମଧ୍ୟ ଏଥିରେ ଛୋଟ ସାକ୍ଷାତକାର ପ୍ରସ୍ତୁତ କରାଯାଇଛି । ଏହି ପତ୍ରିକାକୁ ସମୃଦ୍ଧ କରିଥିବା ଲେଖକମାନଙ୍କ ମଧ୍ୟରେ ଅଛନ୍ତି ଅଚ୍ୟୁତାନନ୍ଦ ପତି, ବନଜ ଦେବୀ, ପରେଶ କୁମାର ପଟ୍ଟନାୟକ, ସୀତେଶ ତ୍ରିପାଠୀ, ବୈକୁଣ୍ଠନାଥ ସାହୁ, ପ୍ରବୀଣା ମହାନ୍ତି, ଜୟାଶୀଷ ରାୟ, ସଂଯୁକ୍ତା ମିଶ୍ର ପ୍ରମୁଖ । ୭୨ ପୃଷ୍ଠାର ଏହି ପତ୍ରିକାର ମୂଲ୍ୟ ରହିଛି ମାତ୍ର ୨୫ ଟଙ୍କା ।

# କାର୍ ସହ ୨ ବସ୍ତା ଗଞ୍ଜେଇ ଜବତ:ଜଣେ ଗିରଫ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳରୁ ବରଗଡକୁ ଏକ ଡଷ୍ଟର କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ହାବୁଡରେ ପଡି ଜଣେ ଗିରଫ ହୋଇଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛି । ବେଳେ କାର୍‌ରୁ ଦୁଇ ବସ୍ତା ଗଞ୍ଜେଇ ଜବତ ହୋଇଛି । ଘଟଣାରୁ ପ୍ରକାଶ ଯେ ବାଲିଗୁଡା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ଅଧିକାରୀ ହରିଶଙ୍କର ମାଠିଆ ସନ୍ଧ୍ୟା ୭ଟା ସମୟରେ ବାରଖମା ଠାରୁ ପୁନୀନାଟ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ପୁନୀନାଟ ଜଙ୍ଗଲ ନିକଟରେ ଏକ ଡଷ୍ଟର କାର୍ ଓ ଡି୦୨ଏଲ୯୧୯୧ଟି ଆସୁଥିବା ବେଳେ ଅଟକାଇ ଚେକିଙ୍ଗ କରାଯାଇଥିଲା । ଘଟଣା ସ୍ଥଳରୁ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିବା ବେଳେ ଗାଡିରେ ବସିଥିବା ବରଗଡ ଜିଲ୍ଲାର ପାଇକମାଳ ଥାନା ଅନ୍ତର୍ଗତ ଭୁତମୁଣ୍ଡା ଗ୍ରାମର ଅକ୍ରୁର ମାଝିକୁ ଗିରଫ କରିବା ସହ ଏ ନେଇ ବାଲିଗୁଡା ଥାନାରେ କେଶ ନଂ.୧୫ /୨୪ରେ ଏକ ମାମଲା ରୁଜୁ ହୋଇଛି । ଉକ୍ତ କାର୍‌ରୁ ଦୁଇଟି ବସ୍ତାରୁ ୭୮ କେଜି ଗଞ୍ଜେଇ ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି ।

# କଳମିଶ୍ରି ଓ ଜନାର୍ଦ୍ଦନପୁର ପଞ୍ଚାୟତରେ ଅର୍ପଣ ରଥର ପରିକ୍ରମା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନ ମଣ୍ଡଳୀର କଳମିଶ୍ରି ପଞ୍ଚାୟତରେ ଅର୍ପଣ ରଥକୁ ବିଭିନ୍ନ ଗ୍ରାମରେ ଲୋକମାନେ ବିପୁଳ ସମ୍ବର୍ଦ୍ଧନା ଜଣାଇ ଘର ଘର ବୁଲି ପ୍ରଭୁ ଜଗନ୍ନାଥଙ୍କ ନିମନ୍ତେ ଚାଉଳ, ଗୁଆ ଆଦି ଅର୍ଘ୍ୟ ସଂଗ୍ରହ କରିଛନ୍ତି । ଏହି ପରିକ୍ରମା ତିନିଦିନ ଚାଲିବ ବୋଲି ଜଣାପଡିଛି । କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଏହି ରଥ ପରିକ୍ରମାରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ନିଜେ ବିଧାୟକ ସଂକୀର୍ତ୍ତନ କରି ପରିକ୍ରମାରେ ଯୋଗ ଦେଇଥିଲେ । କଳମିଶ୍ରି ପଞ୍ଚାୟତ ସରପଞ୍ଚ ଅନନ୍ତ କର, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ବିଡ଼ିଓ ଧର୍ମ ରଞ୍ଜନ ପଣ୍ଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଜନାର୍ଦ୍ଦନପୁର ପଞ୍ଚାୟତ ସରପଞ୍ଚ ବିଶ୍ୱ ଭୂଷଣ ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ବେହେରା ପ୍ରମୁଖ ଅର୍ପଣ ରଥ ପରିକ୍ରମାରେ ଯୋଗ ଦେଇଥିଲେ ।

# ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ରାଜ୍ୟସ୍ତରୀୟ ମକ୍ ଡ୍ରିଲ୍

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ମିଳିତ ଆନୁକୂଲ୍ୟରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ମକ୍ ଡ୍ରିଲ୍ ଆୟୋଜନ ପାଇଁ ଆଭାସୀ ମାଧ୍ୟମରେ, ସ୍ୱେଶାଲ ରିଲିଫ୍ କମିଶନର ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ଅନୁଷ୍ଠାନ ଥିବା ରାଜ୍ୟର ଦଶଟି ଜିଲ୍ଲା (ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ମୟୁରଭଞ୍ଜ, ରାୟଗଡା ଓ ସୁନ୍ଦରଗଡ)କୁ ନେଇ ଆୟୋଜିତ ଏହି କର୍ମଶାଳାରେ ଜଗତସିଂହପୁର ଜିଲ୍ଲା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ ଆସନ୍ତା ୧୧.୪.୨୪ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ମକ୍ ଡ୍ରିଲ୍ ଓ ଜିଲ୍ଲା ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ଉପରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଜିଲ୍ଲାର ପାରାଦ୍ୱୀପ ଠାରେ ଗଢି ଉଠିଥିବା ବୃହତ୍ ଶିଳ୍ପାନୁଷ୍ଠାନରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଆଗୁଆ ପ୍ରସ୍ତୁତି, ସୁରକ୍ଷା ବନ୍ଦୋବସ୍ତ ନେଇ ସମୀକ୍ଷା କରିଥିଲେ ଶ୍ରୀମତୀ ବିଶ୍ୱାଳ । ପାରାଦ୍ୱୀପର ୪ ଗୋଟି ଶିଳ୍ପାନୁଷ୍ଠାନ ଯଥା- ପାରାଦ୍ୱୀପ ପୋର୍ଟ, ଆଇଓସିଏଲ, ଇଫକୋ, ପିପିଏଲ ନିମନ୍ତେ ଏହି ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ । ଏହି ସମୟରେ ପ୍ରଭାବିତ ଲୋକମାନଙ୍କୁ ସ୍ଥାନାନ୍ତରିତ କରିବା, ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ଶାନ୍ତି ଶୃଙ୍ଖଳାର ସହ ବିପର୍ଯ୍ୟୟର ମୁକାବିଲା କରିବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଆୟୋଜନ କରାଯାଇଛି ବୋଲି ସୂଚନା ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ । ଏଥିପାଇଁ ପୂର୍ବରୁ ସମସ୍ତ ପ୍ରକାରର ବ୍ୟବସ୍ଥା ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଅଫ୍‌ସାଇଟ୍ ଓ ଅନ୍‌ସାଇଟ୍ ଇମର୍ଜେନ୍ସି ପ୍ଲାନ୍ ପ୍ରସ୍ତୁତି, ଆଶ୍ରୟ ସ୍ଥଳ ନିରୂପଣ, ସ୍ୱାସ୍ଥ୍ୟ ସେବା ନିମନ୍ତେ ପ୍ରାକ୍ ପ୍ରସ୍ତୁତି, ପ୍ରଭାବିତ ମାନଙ୍କୁ ତୁରନ୍ତ ମେଡିକାଲରେ ପହଞ୍ଚାଇବା ପାଇଁ ଗ୍ରୀନ୍ କରିଡରର ବ୍ୟବସ୍ଥା, ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବସ୍ଥା, ମାଇକ୍ ଦ୍ୱାରା ସଚେତନତା ସୃଷ୍ଟି ଇତ୍ୟାଦି ବିଷୟରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ବ୍ୟବସ୍ଥା ଗୁଡିକୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ ଅତିରିକ୍ତ ଜିଲ୍ଲାପାଳ । ଗୁରୁବାର ଏହି ମକ୍ ଡ୍ରିଲ୍‌ରେ ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ମିଶନ ଶକ୍ତି, ଆଶା କର୍ମୀ, ଆପଦ ମିତ୍ର, ଓଡ୍ରାଫ୍, ଟାସ୍କ ଫୋର୍ସ, ସିଭିଲ ଡିଫେନ୍ସ ଭଲ୍ୟୁଣ୍ଟିୟରମାନେ ଭୂମିକା ଗ୍ରହଣ କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲାରେ ଶ୍ରୀଜଗନ୍ନାଥ ରଥ ପରିକ୍ରମା

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



ଶ୍ରୀ ମନ୍ଦିର ପ୍ରକଳ୍ପ ପରିକ୍ରମା କାର୍ଯ୍ୟକ୍ରମ ଅନ୍ତର୍ଗତ ତୃତୀୟ ଦିନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶ୍ରୀ ଜଗନ୍ନାଥଙ୍କ ରଥ ପରିକ୍ରମା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂକୀର୍ତ୍ତନ ମାଧ୍ୟମରେ ଶ୍ରଦ୍ଧାଳୁ ଭକ୍ତମାନେ ରଥକୁ ନିଜ ନିଜ ଅଞ୍ଚଳରେ ଭକ୍ତିର ସହ ପରିକ୍ରମା କରାଇଥିଲେ । ପ୍ରତ୍ୟେକ ଘରୁ ଅକ୍ଷତ ଓ ଗୁଆ ସଂଗ୍ରହ କରାଯାଇଛି । ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କିର୍ମିରାରେ ଜି.ପାନପାଲି, ଝାରମାଲ, ଏ.ବାଗଡ଼ିହି, ତୁମ୍ବାଡିହି, କାଦୋପାଲି, ସାରସମାଲ, ପିତାମଲ, ବାଗଡ଼ିହି, ତେଲିଡିହି, ଗୁର୍ଲାବାହାଲ, ଝାରମୁଣ୍ଡା, ବଇଜାପାଲି, ବାରପନ, ଚମାରଡ଼ିହି, ଖଡଗାଁଡିହି ଓ କୁଲୁଥମାଲ ଅଞ୍ଚଳରେ ରଥ ପରିକ୍ରମା କରିଥିଲା । ସେହିପରି ଲଇକେରାରେ ତପଗୁଞ୍ଜା, ଗଂଜୁଡ଼ିହି, ଚାନ୍ଦିନୀମାଲ ଓ ସାହାସପୁର, କୋଲାବିରାରେ ପରମାଣପୁର, ପତ୍ରପାଲି, ସିରିଆପାଲି, କୁନ୍ଦୁରୁସିଂଘା, ଝରିଆପାଲି, ପଣ୍ଡକିମାଲ ଓ ବଡ଼ବାହାଲ, ଲଖନପୁର ବ୍ଲକରେ ରେମେଣ୍ଡା, ବାଘମୁଣ୍ଡା, ଜାମଗାଁ, ତିଲିଆ, ପଞ୍ଚଗାଁ ଓ ସମରବଗା ପଞ୍ଚାୟତର ବିଭିନ୍ନ ଅଞ୍ଚଳ, ଝାରସୁଗୁଡ଼ା ବ୍ଲକର ଦଲକୀ, ପୂର୍ଣ୍ଣା, ଏଚ କଟାପାଲି, ରାମପୁର,ମାଲଦା, ଖଇତ୍, କୁଦପାଲି ଓ ଅଇଁଲାପାଲି ଆଦି ବିଭିନ୍ନ ଅଞ୍ଚଳରେ ଭକ୍ତି ଉଲ୍ଲାସର ସହ ରଥ ପରିକ୍ରମା କାର୍ଯ୍ୟ ଅନୁଷ୍ଠିତ ହୋଇଛି । ସମସ୍ତ ଅଞ୍ଚଳରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସରପଞ୍ଚ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମିତି ସଭ୍ୟ, ୱାର୍ଡ ମେମ୍ବର ଓ ସରକାରୀ ପଦାଧିକାରୀ ଓ ସ୍ଥାନୀୟ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ସେହିପରି ବ୍ରଜରାଜନଗର ପୌରାଞ୍ଚଳର ତିନିଟି ୱାର୍ଡ, ଝାରସୁଗୁଡ଼ା ଓ ବେଲ ପାହାଡ଼ ପୌରାଞ୍ଚଳର ତିନିଟି ଲେଖାଏଁ ୱାର୍ଡରେ ଅର୍ପଣ ରଥ ପରିକ୍ରମା କରିବା ସହ ପ୍ରତି ଘରୁ ଅକ୍ଷତ ଓ ଗୁଆ ସଂଗ୍ରହ କରାଯାଇଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶ୍ରୀ ଜଗନ୍ନାଥଙ୍କ ରଥ ପରିକ୍ରମା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏନେଇ ଝାରସୁଗୁଡା ପ୍ରକଳ୍ପ ପରିକ୍ରମା ପାଇଁ ପୌରାଞ୍ଚଳ ସ୍ଥିତ ବିଟିଏମ୍ ଠାରେ ସ୍ଥାନୀୟ ଲୋକମାନଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ । ସଂକୀର୍ତ୍ତନ ମାଧ୍ୟମରେ ଶ୍ରଦ୍ଧାଳୁ ଭକ୍ତମାନେ ରଥକୁ ନିଜ ନିଜ ଅଞ୍ଚଳରେ ଭକ୍ତିର ସହ ପରିକ୍ରମା କରାଇଥିଲେ । ପ୍ରତ୍ୟେକ ଘରୁ ଅକ୍ଷତ ଓ ଗୁଆ ସଂଗ୍ରହ କରାଯାଇଛି । ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପ୍ରତ୍ୟେକ ଘରୁ ଗୁଆ ଓ ଅକ୍ଷତ ସଂଗ୍ରହ କରାଯାଇଛି । ଏହି ଅବସରରେ ଝାରସୁଗୁଡା ଜିଲ୍ଲା ବିଜେଡି ସଭାପତି ରବି ସିଂ, ପୌରାଧକ୍ଷା ରାଣୀ ହାତୀ, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀଙ୍କ ସମେତ ୱାର୍ଡ଼ ମେମ୍ବର ଓ ସ୍ଥାନୀୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ରଥ ଟଣା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି (ଦିଶା) ବୈଠକ

# ଅନୁଦାନର ଉଚିତ୍ ବିନିଯୋଗ ଓ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

**ବାଲେଶ୍ୱର, ନ୍ୟୁଜ୍**




ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି ଅଧ୍ୟକ୍ଷ (ଦିଶା) ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ, ବାଲେଶ୍ୱରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ବିଶ୍ୱରଞ୍ଜନ ନାୟକ ମଞ୍ଚାସୀନ ହୋଇ ବିଭିନ୍ନ ବିଭାଗୀୟ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାର ବିକାଶ ପାଇଁ ଆସୁଥିବା ଅନୁଦାନର ଉଚିତ୍ ବିନିଯୋଗ ଏବଂ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକ ପ୍ରାରମ୍ଭରେ ଦିଶା କମିଟିର ଅଧ୍ୟକ୍ଷ ସାଂସଦ ଶ୍ରୀ ଷଡ଼ଙ୍ଗୀ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିବା ସହିତ ଉପସ୍ଥିତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରି ବୁଝିଥିଲେ । ସଭା କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବିଭାଗର ଅଧିକାରୀମାନେ ଗୃହକୁ ସବିଶେଷ ତଥ୍ୟ ପ୍ରଦାନ କରିବା ସହିତ ଉପସ୍ଥିତ ସଦସ୍ୟ/ସଦସ୍ୟାମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ । ସର୍ବପ୍ରଥମେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜିଲ୍ଲାର ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିଷୟରେ ତଥ୍ୟ ପ୍ରଦାନ କରିବା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଉଥିବା ମୃତ୍ତିକା ସର୍ବେକ୍ଷଣ ଓ ମୃତ୍ତିକା ନମୁନା ସଂଗ୍ରହର ବିଶ୍ଳେଷଣ ରିପୋର୍ଟ ପ୍ରଦାନ କରିଥିଲେ । ସେହିଭଳି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଜିଲ୍ଲାର ଯେଉଁ ସବୁ ରାସ୍ତା ପ୍ରକଳ୍ପ କାମ ସରିଛି ତାହା ଉପରେ ଅଧିକାରୀଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ସହିତ ଯେଉଁ ସବୁ ରାସ୍ତା ନିର୍ମାଣ କାମ ଚାଲିଛି ତାହା ନିର୍ଦ୍ଧାରିତ ସମୟରେ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ ଓ 'ଜଳ ଜୀବନ ମିଶନ' ଜିଲ୍ଲାର ୧୨ ଗୋଟି ବ୍ଲକ ଅଧୀନ ୧ ହଜାର ୬୬୩ଟି ଗ୍ରାମରେ ସଠିକ୍ ଭାବରେ କାର୍ଯ୍ୟକାରୀ ହେଉଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଥିଲେ । ଜିଲ୍ଲାରେ ଖୁବ୍‌ଶୀଘ୍ର ୯ଟି 'ଆମ ହସ୍ପିଟାଲ'ର ସମାପ୍ତି ଏବଂ ସେଗୁଡ଼ିକରେ ଡାକ୍ତର ଯୋଗାଇ ଦିଆଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସମଗ୍ର ଶିକ୍ଷା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଯୋଜନା ବିଭାଗ ଇତ୍ୟାଦି ସମ୍ପର୍କରେ ଅଧିକାରୀଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ସହିତ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ଉପରେ ମଞ୍ଚାସୀନ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ସରକାରଙ୍କ ଅଧିନସ୍ଥ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକରେ ସଠିକ୍ ଭାବରେ କେନ୍ଦ୍ର ସରକାରଙ୍କ 'ଲୋଗୋ' ଲଗାଇବା ପାଇଁ ନିର୍ଦ୍ଦେଶ ଦେବା ସହିତ ସମସ୍ତ ସରକାରୀ କାର୍ଯ୍ୟର ବ୍ୟବହାରିକ ପ୍ରମାଣପତ୍ର ସଠିକ୍ ସମୟରେ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଧ୍ୟକ୍ଷ ସାଂସଦ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବାଲେଶ୍ୱର ଜିଲ୍ଲା ପରିଷଦର ଜୋନ୍‌ର ସଭ୍ୟ/ସଭ୍ୟା, ପଞ୍ଚାୟତ ସମିତିମାନଙ୍କର ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ/ଉପାଧ୍ୟକ୍ଷା ଯୋଗଦେଇ ବିଭିନ୍ନ ବିଭାଗୀୟ କାର୍ଯ୍ୟ ଉପରେ ସେମାନଙ୍କ ଅଞ୍ଚଳର ଦାବି, ସମସ୍ୟା ଓ ସମାଧାନ ଉପରେ ମତ ବିନିମୟ କରି କର୍ତ୍ତୃପକ୍ଷଙ୍କ ଠାରୁ ପ୍ରତିଶୃତି ହାସଲ କରିଥିଲେ । ସଭାରେ ପଚରାଯାଇଥିବା ସମସ୍ତ ଦ୍ୱନ୍ଦ୍ୱକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପ୍ରତିଶୃତି ଦେଇଥିଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏହି ସମସ୍ୟା ଗୁଡ଼ିକ ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସଭା ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୩।୧।୨୦୨୪, ପୌଷ ଦି୨୯ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୬।୨୪।୨୬ ଚନ୍ଦ୍ରୋଦୟ- ରାଘ୮।୦୪।୦୪**

ଦ୍ୱିତୀୟା- ଦିଘ ୧୧।୧୨ ପର୍ଯ୍ୟନ୍ତ । ଶ୍ରବଣା ନକ୍ଷତ୍ର - ଦିଘ ୧୨।୫୦ ପର୍ଯ୍ୟନ୍ତ । ମକର ଚନ୍ଦ୍ର - ରାଘ ୧୧।୩୫ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି -** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ରାଘ ୧୧।୩୫ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । ରାଘ ୧୧।୩୫ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ଦିଘ ୧୧।୧୨ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୫ ଗତେ ଘ ୯।୧୧ ମଧ୍ୟେ ଦିଘ ୧୨।୧୭ ଗତେ ଘ ୧।୧୭ ମଧ୍ୟେ । **ପର୍ବୋତ୍ସବ -** ବ୍ୟାସକବି ଫକିର ମୋହନ ଜୟନ୍ତୀ ।

**ମେଷ:** ଦିନଟି ଆପଣଙ୍କର ଆନନ୍ଦଦାୟକ ହେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଧନ ଲାଭ ହେବ । ଘରେ ଖୁସିର ବାତାବରଣ ରହିବ । ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି ।

**ବୃଷ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ କରିବେ । ଧର୍ମ କାର୍ଯ୍ୟ ନିମନ୍ତେ ଆଗ୍ରହ ପ୍ରକାଶ କରିପାରନ୍ତି । ରେଜଗାରର ମାତ୍ରା ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ ।

**ମିଥୁନ:** ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିପାରେ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପାରିବାରିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ ।

**କର୍କଟ:** ବ୍ୟବସାୟରୁ ଆଶାତୀତ ଲାଭ ପାଇବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଭ୍ରମଣ ସୁଖ ରହିଛି । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।

**ସିଂହ:** କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧି ପାଇବ । ଅନେକ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପରୋପକାରୀ ହେବେ ।

**କନ୍ୟା:** ଶତ୍ରୁନାଶ ହେବେ । ବନ୍ଧୁ ମିଳନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ରେଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବ । ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ ।

**ତୁଳା:** ଶାରିରିକ ଅସୁସ୍ଥତା ଅନୁଭବ କରିବେ । କୌଣସି ଏକ ଖବର ପାଇ ବିଚଳିତ ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେବ ।

**ବିଛା:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମଧ୍ୟ ଯୋଗ ଦେବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ ।

**ଧନୁ:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ଆମୋଦ ପ୍ରମୋଦର ସହ ଦିନଟି ବିତିବ । ବ୍ୟୟର ପରିମାଣ ବୃଦ୍ଧି ପାଇବ । ପରିବାରରେ ସୁଖ ଶାନ୍ତିର ବାତାବରଣ ରହିବ । ପରୋପକାରୀ ହେବେ ।

**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ । ଆଶା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତି ହୋଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମନ ଭଲ ରହିବ ।

**କୁମ୍ଭ:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ବ୍ୟୟର ମାତ୍ରା ଅଧିକ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ଘରୋଇ ଜୀବନ ଆନନ୍ଦ ଦାୟକ ହେବ । ବନ୍ଧୁ ଦର୍ଶନର ସୁଯୋଗ ଲାଭ ।

**ମୀନ:** ଦିନଟି ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଆୟରେ ଉନ୍ନତି ଦେଖାଦେବ । ଘରେ ସୁଖ ଲାଭ ହେବ । ଭ୍ରମଣ ଯୋଗ ମଧ୍ୟ ରହିଛି ।



# ଘଣ୍ଟ ଘଣ୍ଟା, ଶଙ୍ଖ ଧ୍ୱନିରେ କମ୍ପିଲା ତୁଳସୀ କ୍ଷେତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୬, ୭ ଓ ୧୭ନଂ ୱାର୍ଡରେ ଶ୍ରୀ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଥିବା ଜଣାପଡିଛି । ତୁଳସୀ କ୍ଷେତ୍ରରେ ପୁରପଲ୍ଲୀରେ 'ଅର୍ପଣ ରଥ'କୁ ଭବ୍ୟ ସ୍ୱାଗତ କରାଯାଉଛି । ରଙ୍ଗ ବେରଙ୍ଗ ମୁରୁଜ ସାଙ୍ଗକୁ ଝୋଟିଚିତା ପକାଇ ଗାଁ ଦାଣ୍ଡକୁ ସଜେଇ ରଖିଛନ୍ତି ଶ୍ରଦ୍ଧାଳୁ । ସଂକୀର୍ତ୍ତନ, ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନି, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି କରି ଅର୍ପଣ ରଥକୁ ହଜାର ହଜାର ମହିଳା ପାଛୋଟି ନେଉଥିଲେ । ଏହି ଅର୍ପଣ ରଥଟି ସକାଳ ୧୧ଟା ସମୟରେ ସାନ୍ତସାହି ପୋଲ ଉପରୁ ପରିକ୍ରମା ଆରମ୍ଭ କରି ପରେ ଭଗେଶ୍ୱରପୁର, ନସଡିପୁର ଗୌଡଗୋପ, ମୀରପାଟଣା, ବଡହାଟ, କାକଟ ମଙ୍ଗଳା, କାକଟ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ପ୍ରଭୃତି ଅଞ୍ଚଳର ଘର ଘର ବୁଲି ପ୍ରତ୍ୟେକ ଘରୁ ଅରୁଆ ଚାଉଳ, ଗୁଆ, ଅର୍ଥ ଆଦି ସଂଗ୍ରହ କରିଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ସରିତା ସାହୁ, ପୌର ଉପାଧକ୍ଷା ଆକବରୀ ଖାତୁନ, ପୌରନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ୬ନଂ କାଉନସିଲର ପ୍ରଦୀପ୍ତ ଜେନା, ୭ନଂ କାଉନସିଲର ଜୟନ୍ତୀ ପାଣି, ୧୭ନଂ କାଉନସିଲର ଉମେଶ ଚନ୍ଦ୍ର ନାୟକଙ୍କ ସମେତ ମନୋରମା ପୃଷ୍ଟି, ସୁକୁମାର ଚାନ୍ଦ, ପ୍ରଫୁଲ୍ଲ କୁମାର ସାହୁ, ରଞ୍ଜୁ ସାହୁ, ବିଜୟ କୁମାର ସ୍ୱାଇଁ, ପୁଷ୍ପାଞ୍ଜଳୀ ନାୟକ, ଜୟଶ୍ରୀ ଦାସଙ୍କ ସମେତ ମିଶନଶକ୍ତି ମଣ୍ଡଳର ସଦସ୍ୟା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୪୪ ● ୧୩ଜାନୁଆରୀ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -30 ● Issue-344 ● 13rd January 2024, Saturday ● Bhubaneswar

Licensed to post without pre-payment of postage No- BN-60/22-24

## ୭ମାସ ମଧ୍ୟରେ ସମ୍ବଲପୁର ପାଇଁ ମଞ୍ଜୁର ହୋଇଛି ୩୨୫ କୋଟି: ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୧୨।୧

ନ୍ୟୁଜ୍ ବ୍ୟୁରୋ



ସମ୍ବଲପୁରରେ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ । ସମ୍ବଲପୁର ବରାଇପାଲି ରେମେଡରେ ପହଞ୍ଚିବା ପରେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ସାଧାରଣ ସଭାରେ ସେ ଯୋଗଦେଇଥିଲେ। ଏହି ସଭାରେ ଶ୍ରୀ ପାଣ୍ଡିଆନ ଉଦବୋଧନ ଦେଇ କହିଥିଲେ ଯେ, ସମ୍ବଲପୁରକୁ ମୁଖ୍ୟମନ୍ତ୍ରୀ ବହୁତ ଭଲ ପାଆନ୍ତି । ସମ୍ବଲପୁରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁଠୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି । ଧର୍ମାନୁଷ୍ଠାନ ଉନ୍ନତିକରଣ ନେଇ ୨୨ ତାରିଖ ସୁଦ୍ଧା ଖୁସି ଖବର ମିଳିବ । ମା' ସମଲେଶ୍ୱରୀ ମନ୍ଦିର ସ୍ୱପ୍ନ ଭଳି ଲାଗୁଛି । ଏଥିସହ ମା' ସମଲେଶ୍ୱରୀ ପୀଠର ସୌନ୍ଦର୍ଯ୍ୟକରଣ କିଭଳି ଲାଗୁଛି ବୋଲି ସେ ଲୋକଙ୍କୁ ପଚାରି ବୁଝିଥିଲେ।

ଶ୍ରୀ ପାଣ୍ଡିଆନ୍ ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୧୫ରେ ସମ୍ବଲପୁର ଆସିଥିଲେ । ଏହି ୭ମାସ ମଧ୍ୟରେ ସମ୍ବଲପୁର ପାଇଁ ୩୨୫ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ୫-ଟି ଅଧ୍ୟକ୍ଷ କହିଥିଲେ । ଏଥିସହ ଲୋକଙ୍କୁ ବିକାଶର ହିସାବ ଦେଇଥିଲେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍। ନବୀନ କାର୍ଡରେ ଯୋଡିହେବାକୁ ଶ୍ରୀ ପାଣ୍ଡିଆନ୍ ଗ୍ରାମାଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରତି ପଞ୍ଚାୟତରେ ଲକ୍ଷ୍ମୀ ବସ ଗଡ଼ିବ। ମାତ୍ର ୫ଟଙ୍କାରେ ମହିଳା ଓ ଛାତ୍ରାଛାତ୍ରୀ ଯାତ୍ରା କରିପାରିବେ ବୋଲି ସେ କହିଛନ୍ତି।

## ଉଦ୍‌ଘାଟନ ହେଲା ଦେଶର ଦୀର୍ଘତମ ସାମୁଦ୍ରିକ ପୋଲ

ମୁମ୍ବାଇ, ୧୨।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମୁମ୍ବାଇ ଟ୍ରାନ୍ସ ହାର୍ବର ଲିଙ୍କ (ଏମଟିଏଚ୍‌ଏଲ୍)ର ଉଦ୍‌ଘାଟନ କରିଛନ୍ତି। ୧୭,୮୪୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଛି । ଏହାକୁ ଦେଶର ଦୀର୍ଘତମ ସାମୁଦ୍ରିକ ପୋଲ ବୋଲି କୁହାଯାଉଛି। ଏହି ସେତୁର ନାମ ଅଟଳ ବିହାରୀ ବାଜପେୟୀ ସେୱାରି-ନହବା ସେଭା ଅଟଳ ସେତୁ। ଏହା ବିଶ୍ୱର ଦ୍ୱାଦଶ ଦୀର୍ଘତମ ସେତୁ। ଡିସେମ୍ବର ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସେତୁର ଶିଳାନ୍ୟାସ କରିଥିଲେ। ଏହା ଭାରତର ସବୁଠାରୁ ଲମ୍ବା ସେତୁ ଏବଂ ଭାରତର ସବୁଠାରୁ ଲମ୍ବା ସମୁଦ୍ର ପୋଲ। ସମୁଦ୍ର ଉପରେ ପ୍ରାୟ ୧୬.୫ କିଲୋମିଟର ଏବଂ ସ୍ଥଳଭାଗରେ ପ୍ରାୟ ୫.୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପୋଲର ଲମ୍ବ ପ୍ରାୟ ୨୧.୮ କିଲୋମିଟର ଏହା ଏକ ୬ ଲେନ ବିଶିଷ୍ଟ ସେତୁ।

ଏହା ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ନବୀ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସିଧାସଳଖ ସଂଯୋଗ କରିବ।

## ମନ୍ଦିରରେ ବସି ଭକ୍ତିରେ ଝାଞ୍ଜ ବଜାଇଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୧୨।୧



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମହାରାଷ୍ଟ୍ର ଗସ୍ତରେ ଅଛନ୍ତି। ନାସିକରେ ଏକ ରୋଡ ସୋ କରିବା ପରେ ପ୍ରଧାନମନ୍ତ୍ରୀ ମୋଦି ରାମ କଥା କୁଣ୍ଡ ଏବଂ କଳା ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି।

ତାଙ୍କ ସହ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଅଜିତ ପାୱାର ମଧ୍ୟ ପ୍ରାର୍ଥନା କରିଥିବାର ନଜର ଆସିଛି । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅତ୍ୟନ୍ତ ଭକ୍ତିରେ ଦେଖିବାକୁ ମିଳିଥିଲା।

ମନ୍ଦିରରେ ବସି ପ୍ରଧାନମନ୍ତ୍ରୀ ଝାଞ୍ଜ ନାମକ ଏକ ବାଦ୍ୟଯନ୍ତ୍ର ବଜାଉଥିବା ବେଳେ ଅନେକ ପୁରୋହିତ ରାମ ଭଜନ ଗାଉଥିବାର ନଜର ଆସିଥିଲେ। ମନ୍ଦିର ପୁରୋହିତମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମ୍ମୁଖରେ ରାମାୟଣର ଯୁଦ୍ଧ କାଣ୍ଡ ଭାଗ ମଧ୍ୟ ଗାଇଥିଲେ, ଯେଉଁଥିରେ ଭଗବାନ ରାମଙ୍କ ଅଯୋଧ୍ୟାକୁ ଫେରିବାର କଥା ରହିଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହାକୁ ମରାଠୀ ଭାଷାରେ ଗାନ କରାଯାଉଥିଲା, ହେଲେ ଏଆଇ ମାଧ୍ୟମରେ ହିନ୍ଦୀରେ ପିଏମ ମୋଦିଙ୍କ ଆଗରେ ଅନୁବାଦ ହେଉଥିଲା । ପ୍ରଧାନମନ୍ତ୍ରୀ ମୋଦି ଗୋଦାବରୀ ନଦୀ କୂଳରେ ରାମ କୁଣ୍ଡ ପରିଦର୍ଶନ କରିଥିଲେ, ଯେଉଁଠାରେ ତାଙ୍କୁ ପାରମ୍ପରିକ ପଗଡି ଉପହାରରେ ମିଳିଥିଲା । ପ୍ରଧାନମନ୍ତ୍ରୀ ସେଠାରେ ଜଳ ପୂଜା ଏବଂ ଆରତୀ ମଧ୍ୟ କରିଥିଲେ।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ମୁମ୍ବାଇରେ ଭାରତର ଦୀର୍ଘତମ ସମୁଦ୍ର ସେତୁ 'ଅଟଳ ସେତୁ' ଉଦଘାଟନ କରିଥିଲେ। ମୋଟ ୧୭,୮୪୦ କୋଟିରୁ ଅଧିକ ମୂଲ୍ୟରେ ଅଟଳ ସେତୁ ନିର୍ମାଣ କରାଯାଇଛି।

## ପ୍ରେସକ୍ରିପସନ ଓ ପୋଷ୍ଟମର୍ଟମ ରିପୋର୍ଟ ସ୍ପଷ୍ଟ ଭାବେ ଲେଖିବାକୁ ଡାକ୍ତରମାନଙ୍କୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୧

ନ୍ୟୁଜ୍ ବ୍ୟୁରୋ



ଅନେକ ସମୟରେ ଦେଖାଯାଏ ଡାକ୍ତରମାନେ ପ୍ରେସକ୍ରିପସନରେ କଣ ଲେଖନ୍ତି, ତାହା ରୋଗୀମାନେ ବୁଝିପାରନ୍ତି ନାହିଁ । ଡାକ୍ତରଙ୍କ ରୋଗ ବିଷୟରେ କିମ୍ବା କଣ ମେଡିସିନ ଲେଖିଲେ ତାହା କେବଳ ମେଡିସିନ ଦୋକାନୀ ହିଁ ବୁଝନ୍ତି । ଯାହାକୁ ନେଇ ଗତ କିଛି ଦିନ ତଳେ ଓଡିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ନେଇ ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଡାକ୍ତରମାନଙ୍କୁ ପରିଷ୍କାର ଅକ୍ଷରରେ ପ୍ରେସକ୍ରିପସନ ଲେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମୁଖ୍ୟଶାସନ ସଚିବ ଡାକ୍ତରମାନଙ୍କୁ ପୋଷ୍ଟମର୍ଟମ ରିପୋର୍ଟ ଓ ପ୍ରେସକ୍ରିପସନ ରିପୋର୍ଟକୁ ସୁନ୍ଦର ଓ ସ୍ପଷ୍ଟ ଭାବେ ଲେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡାକ୍ତରୀ ଚିଠା, ପିଏମ ରିପୋର୍ଟ ପ୍ରାଞ୍ଜଳ ଭାବେ ଓ ସାଧାରଣ ଲୋକେ ବୁଝିପାରିବା ଭଳି ଲେଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।





# ୫୦୦ ବର୍ଷ ପରେ ଆଉ ଏକ ମେଘନାଦ ପାଚେରୀ



## ଇତିହାସ

ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରେ କେବଳ ମୂଳ ମନ୍ଦିରଟି ତିଆରି ହୋଇଥିବାର ପ୍ରମାଣ ମିଳେ। ପରବର୍ତ୍ତୀ ସମୟରେ ମେଘନାଦ ପ୍ରାଚୀର, ମୁଖ ଶାଳା, ନାଟ ମଣ୍ଡପ ଇତ୍ୟାଦି ତିଆରି ହୋଇଛି। ମୁଖ୍ୟ ମନ୍ଦିର ନିର୍ମାଣର ପରବର୍ତ୍ତୀ କାଳରେ ମରହଟ୍ଟା ଶାସନ ଅମଳରେ ଏହି ପ୍ରାଚୀର ନିର୍ମାଣ ହୋଇଥିବାର ଜଣାଯାଏ । ଅନ୍ୟ ଏକ ତଥ୍ୟ ଅନୁସାରେ ୧୪୪୮ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ। ମେଘନାଦ ପ୍ରାଚୀରର ମହିମା ଅକ୍ଷୁଣ୍ଣ ରଖିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ତାଙ୍କ ଐତିହାସିକ ରାୟରେ ଏହି ପାଚେରୀ ନିକଟରେ ଏହାଠାରୁ ଉଚ୍ଚ ଆଉ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ଆଦେଶ ଦେଇଛନ୍ତି।

## ବଡ଼ ଦେଉଳ ସ୍ଥାପତ୍ୟ

ବଡ଼ ଦେଉଳଟି ପଞ୍ଚରଥ ଶୈଳୀରେ ନିର୍ମିତ। ଦେଉଳ ଚାରିପଟେ 'ମେଘନାଦ ପାଚେରୀ' ରହିଛି। ମେଘନାଦ ପାଚେରୀ ଭିତର ପଟେ 'କୁର୍ମ ପାଚେରୀ' ନାମକ ଆଉ ଏକ ପାଚେରୀ ରହିଛି। କୂର୍ମପାଚେରୀ ମଝିରେ ଥିବା 'କୂର୍ମବେଢ଼ା' ମଝି ଭାଗରେ ବଡ଼ଦେଉଳ। ଦେଉଳଟି ଚାରି ଭାଗରେ ବିଭକ୍ତ। ବିମାନ (ମୁଖ୍ୟ ମନ୍ଦିର ବା ଗର୍ଭଗୃହ), ଜଗମୋହନ ବା ମୁଖଶାଳା, ନାଟମଣ୍ଡପ ଓ ଭୋଗମଣ୍ଡପ। ଭୋଇବଂଶ ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ମନସିଂହଙ୍କ ପତ୍ନୀ ଗୌରୀ ମହାଦେବୀ ମୁକ୍ତିମଣ୍ଡପର ନିର୍ମାଣ କରାଇଥିଲେ। ୩୮ ଫୁଟ୍ ଦୈର୍ଘ୍ୟ ଓ ୩୮ ଓସାରର ଓ ୧୬ଟି ସ୍ତମ୍ଭ ବିଶିଷ୍ଟ ମୁକ୍ତି ମଣ୍ଡପ ନିର୍ମାଣ କରାଯାଇଥିଲା।



## ମେଘନାଦ ପାଚେରୀ

ଜଗନ୍ନାଥ ମନ୍ଦିର ଚାରିଦିଗରେ ଚାରିଦ୍ୱାର (ସିଂହଦ୍ୱାର, ବ୍ୟାଘ୍ରଦ୍ୱାର, ହସ୍ତୀଦ୍ୱାର, ଅଶ୍ୱଦ୍ୱାର) ଏବଂ ଏହାର ଚତୁଃପାର୍ଶ୍ୱରେ ବାହ୍ୟ ପ୍ରାଚୀର ସାଙ୍ଗକୁ ଭିତର ପ୍ରାଚୀର ରହିଛି। ଏହି ବାହାର ପ୍ରାଚୀର ହେଉଛି ମେଘନାଦ ପ୍ରାଚୀର ଏବଂ ଭିତର ପ୍ରାଚୀର ହେଉଛି କୁର୍ମ ବେଢା ବା କୁର୍ମ ପ୍ରାଚୀର। ମେଘନାଦ ପ୍ରାଚୀରର ଦୈର୍ଘ୍ୟ ପୂର୍ବରୁ ପଶ୍ଚିମକୁ ୬୬୫ଫୁଟ ଏବଂ ପ୍ରସ୍ଥ ଉତ୍ତରରୁ ଦକ୍ଷିଣକୁ ୬୪୦ଫୁଟ। ମେଘନାଦ ପ୍ରାଚୀରଟି ୨୦ ଫୁଟ ଉଚ୍ଚତା ଏବଂ ଛଅ ଫୁଟ ମୋଟେଇ ବିଶିଷ୍ଟ। ତେବେ କୁର୍ମ ପ୍ରାଚୀରର ଦୈର୍ଘ୍ୟ ପୂର୍ବରୁ ପଶ୍ଚିମକୁ ୪୨୦ ଫୁଟ ଏବଂ ଓସାର ଉତ୍ତରରୁ ଦକ୍ଷିଣକୁ ୩୫୦ ଫୁଟ। କୁର୍ମ ବେଢା ଏବଂ ମେଘନାଦ ପ୍ରାଚୀରର ଉଚ୍ଚତା ପ୍ରାୟ ଏକାଭଳି। ତେବେ କୁର୍ମ ପ୍ରାଚୀରର ମୋଟେଇ ହେଉଛି ମେଘନାଦ ପ୍ରାଚୀରର ମୋଟେଇଠାରୁ କମ୍।



## କିମ୍ବଦନ୍ତୀ କୁହେ..

ପୁରାଣ କୁହେ ସମୁଦ୍ର ହେଉଛି ମା' ଲକ୍ଷ୍ମୀଙ୍କ ବାପଘର। ଜଗନ୍ନାଥ ବରୁଣଙ୍କ କନ୍ୟା ଲକ୍ଷ୍ମୀଙ୍କୁ ବିବାହ ପରେ ଶ୍ୱଶୁର ବରୁଣ ଅର୍ଥାତ ସାଗରଦେବତାଙ୍କ ସହ ମତାନ୍ତର ହୋଇଥିଲା। ଜଗନ୍ନାଥ ମହାପ୍ରଭୁ ସାଗର କୂଳରେ ମନ୍ଦିର ତୋଳାଇ ରହିଥିବାରୁ ସମୁଦ୍ର ଗର୍ଜନ ମନ୍ଦିର ଭିତରକୁ ନପଶିବା ପାଇଁ ମେଘନାଦ ପ୍ରାଚୀର ନିର୍ମାଣ କରାଇଥିଲେ।

### ମାଣବସା ଗୁରୁବାର ଲକ୍ଷ୍ମୀ ପୁରାଣରେ ମେଘନାଦ ପାଚେରୀ:

ଜଗନ୍ନାଥ କହୁଛନ୍ତି କୋପଭର ହୋଇ।
ବାପ ତୋ ଲୁଣିଆ ଯେ ଗରଜି ମରୁଥାଇ।
ଝିଅ ଟେରୀ ତୋ ଦୁର୍ଗୁଣ କହିଲେ ନ ସରେ।
ବାପର ଗର୍ଜନ ଶବ୍ଦେ କିଏ ରହିପାରେ।
ଚାରିପାଖେ ମେଘନାଦ ପାଚେରୀ ତୋଳାଇ।
ବଡ଼ ଦେଉଳରେ ରହିଅଛ ଦୁଇ ଭାଇ ।।

ଭାଇ, ଭଉଣୀଙ୍କୁ ନେଇ ବଡ଼ ଦେଉଳରେ ବିଜେ କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଜଗନ୍ନାଥ। ଏ ସଚରାଚର ବ୍ରହ୍ମାଣ୍ଡ ତାଙ୍କରି ଆଜ୍ଞାରେ ପରିଚାଳିତ। ରାଜା ଇନ୍ଦ୍ରଦ୍ୟୁମ୍ନ ସିନା ଶ୍ରୀମନ୍ଦିର ତିଆରି କଲେ, ହେଲେ ସେ ନିଜ ଇଚ୍ଛାରେ ଅଧାଗଢ଼ା ମୂରତି ହୋଇ କଳିଯୁଗରେ ପୂଜା ପାଇଲେ। ଇତିହାସ କୁହେ, ରାଜା ଇନ୍ଦ୍ରଦ୍ୟୁମ୍ନ କେବଳ ମୂଳ ମନ୍ଦିର ତିଆରି କରିଥିଲେ। ପରବର୍ତ୍ତୀ ସମୟରେ ମେଘନାଦ ପାଚେରୀ, ମୁଖ ଶାଳା, ନାଟ ମଣ୍ଡପ ଆଦି ତିଆରି ହୋଇଥିଲା। ସେ ଜଗତର ବଡ଼ଦିଅଁ। ବଡ଼ ତାଙ୍କ ଦେଉଳ 'ବଡ଼ଦେଉଳ', ବଡ଼ ତାଙ୍କ ଦାଣ୍ଡ 'ବଡ଼ଦାଣ୍ଡ'। ସେହିପରି ସେ ରହୁଥିବା ପାଚେରୀ ମଧ ସେହି ମାତ୍ରାରେ ଯଥେଷ୍ଟ ବଡ଼। ନାଁ ତା'ର 'ମେଘନାଦ ପାଚେରୀ'। କଥାରେ ଅଛି, ପୁରୀ ସମୁଦ୍ର କୂଳରେ ଶ୍ରୀମନ୍ଦିର ଥିଲେ ହେଁ ମେଘନାଦ ପାଚେରୀ ଭିତରେ ସମୁଦ୍ର ଗର୍ଜନ ଶୁଣାଯାଏ ନାହିଁ। ଶ୍ରୀକ୍ଷେତ୍ର ଉପରେ ବାରମ୍ବାର ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି। ମନ୍ଦିରକୁ ସୁରକ୍ଷା ଦେବା ପାଇଁ ଓଡ଼ିଶାର ରାଜା କପିଳେନ୍ଦ୍ରଦେବଙ୍କ ରାଜତ୍ୱ ସମୟ ଅର୍ଥାତ୍ ୧୪୪୮ ଖ୍ରୀଷ୍ଟାବ୍ଦରେ ମେଘନାଦ ପାଚେରୀ ନିର୍ମାଣ ହୋଇଥିଲା ବୋଲି ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି। ତେବେ ୫୦୦ ବର୍ଷ ପରେ ବଡ଼ ଦେଉଳ ସୁରକ୍ଷା କଥା ଚିନ୍ତା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶ୍ରୀମନ୍ଦିର ଚାରିପଟେ ତିଆରି କରୁଛନ୍ତି ଆଉ ଏକ ସୁରକ୍ଷା ପ୍ରାଚୀର। ଏହା ମେଘନାଦ ପାଚେରୀ ସହ ମନ୍ଦିରକୁ ସୁରକ୍ଷା ଦେବ।

ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାର 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ବଡ଼ ଠାକୁରଙ୍କ ପ୍ରତି ଭଲ ପାଇବାର ଶ୍ରେଷ୍ଠ ନିଦର୍ଶନ। ୨୦୧୯ ମସିହା ଅକ୍ଟୋବର ୧୯ରେ ରାଜ୍ୟ କ୍ୟାବିନେଟ୍‌ରେ 'ଅବଢ଼ା' (ଅଗମେଣ୍ଟେସନ ବେସିକ୍ ଏମିନିଟିଜ୍ ଆଣ୍ଡ୍ ଡେଭଲପମେଣ୍ଟ୍ ଅଫ୍ ହେରିଟେଜ୍ ଆଣ୍ଡ୍ ଆର୍କିଟେକ୍‌ଚ) ଯୋଜନାରେ ୨୨ଟି ପ୍ରକଳ୍ପ ପାଇଁ ୩୨ଶହ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସେଥିରେ କେବଳ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ୩୩୧ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୨୦୨୧ ମସିହା ନଭେମ୍ବର ୨୪ ତାରିଖରେ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯାହା ଆସନ୍ତା ୧୭ ତାରିଖରେ ଲୋକାର୍ପଣ ହେବାକୁ ଯାଉଛି। ମେଘନାଦ ପାଚେରୀଠାରୁ ୭୫ ମିଟର ଅଞ୍ଚଳରେ ପରିକ୍ରମା କାର୍ଯ୍ୟ କରାଯାଉଛି। ମେଘନାଦ ପାଚେରୀରୁ ୫୫ମିଟରକୁ ପ୍ଲାଜା ଏରିଆ କୁହାଯାଉଛି। ପାଚେରୀରୁ ୭ ମିଟର ବଫର ଜୋନ୍। ଏଥିରୁ ୨ ମିଟର ମେଘନାଦ ପାଚେରୀର ମରାମତି ପାଇଁ ରଖାଯାଇଛି। ଅନ୍ୟ ୫ ମିଟରରେ ମହାପ୍ରଭୁଙ୍କ ପୂଜା ସେବାରେ ଲାଗୁଥିବା ତୁଳସୀ ଓ ଦୟଣା ଭଳି ଗଛ ଲଗାଯାଇଛି। ଏହାପରେ ୧୦ ମିଟର ଅନ୍ତଃପ୍ରଦକ୍ଷଣ ପାଇଁ ରଖାଯାଇଛି। ଏହାପରେ ୧୪ ମିଟର ପ୍ଲାଣ୍ଟେସନ ଜୋନ୍। ଏଠି ଜାତିଜାତିକା ଫୁଲ ଗଛ ଓ ମଝିରେ ମଝିରେ ବସିବା ପାଇଁ ସ୍ଥାନ ରଖାଯାଇଛି। ଏହାପରେ ୮ ମିଟର ବାହ୍ୟ ପ୍ରଦକ୍ଷଣ ପାଇଁ ରହିଛି। ଏହାବାଦ୍ ୧୦ ମିଟର ପର୍ଯ୍ୟଟକଙ୍କ ସୁବିଧା ପାଇଁ ବ୍ୟବସ୍ଥା କରାଯାଇଛି। ଏହାପରେ ୪.୫ ମିଟର ସର୍ଭିସ୍ ଲେନ୍ ପରେ ଖଣ୍ଡୋଲାଇଟ୍ ପଥରରେ ଏକ ପ୍ରାଚୀର ନିର୍ମାଣ କରାଯାଇଛି। ଏହାପରେ ୨୦ ମିଟରର ବାହ୍ୟ ରାସ୍ତା। ଏଥିରେ ବ୍ୟାଟେରି ଗାଡ଼ି ପାଇଁ ୪.୫ ମିଟର ରାସ୍ତା, ଜନସାଧାରଣଙ୍କ ପାଇଁ ୭.୭ମିଟର ରାସ୍ତା ଓ ବାକି ସ୍ଥାନ ପାଦଚଲା ରାସ୍ତା ରହିଛି।

ପୂର୍ବରୁ ମେଘନାଦ ପାଚେରୀ କଡ଼କୁ ଲାଗି ଯିବା ଆସିବା ରାସ୍ତା ଥିଲା। ଅଳିଆ, ଆବର୍ଜନାକୁ ଲୋକେ ମେଘନାଦ ପାଚେରୀ କଡ଼ରେ ଗଦା କରୁଥିଲେ। ପାଚେରୀ ଉପରେ ପାନଛେପ ପଡୁଥିଲା। ଏମିତିକି ପାଚେରୀ ଉପରେ କିଛି ବ୍ୟକ୍ତି ପରିସ୍ରା କରୁଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ପାଚେରୀ ନିକଟରେ ରାସ୍ତା ଯାଇଥିବାରୁ କୌଣସି ସମୟରେ ଅଘଟଣର ଆଶଙ୍କା ରହୁଥିଲା। କିନ୍ତୁ ଏବେ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'କୁ ଦିନରାତି ଏକ କରି ସାକାର ରୂପ ଦେବାରେ ସଫଳ ହୋଇଛନ୍ତି '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍, ଯାହା କାଳକାଳକୁ ଓଡ଼ିଶା ଇତିହାସରେ ଲିପିବଦ୍ଧ ହୋଇ ରହିବ।

# ସରିଆସୁଛି ପୁନରୁଦ୍ଧାର କାମ





## ଝଲସିବ ପ୍ରକଳ୍ପ ପରିସର ମଠ

### ଶ୍ରୀଜଗନ୍ନାଥ ଉପାସନାରେ ମଠ

ବିଭିନ୍ନ ବୈଷ୍ଣବ ସମ୍ପ୍ରଦାୟର ଶତାଧିକ ମଠ ଏହି ପରମ ପବିତ୍ର ଶ୍ରୀକ୍ଷେତ୍ରରେ ବିଦ୍ୟମାନ। ଶ୍ରୀଜଗନ୍ନାଥଙ୍କ ରୀତିନୀତିରେ ସାର୍ଥକ ପରିପ୍ରକାଶ ହେଉଛି ଉତ୍କଳୀୟ ସଂସ୍କୃତି। ଏହି ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଥିବା ଅନେକ ମଠ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉପାସନାରେ ପ୍ରାଚୀନ ସମୟରୁ ଚାଲିଆସୁଛି। ତନ୍ମଧ୍ୟରେ ଶ୍ରୀମନ୍ଦିରର ଅଣସର ପିଣ୍ଡି, ଜଗମୋହନ ଓ ନାଟମଣ୍ଡପକୁ ପ୍ରତ୍ୟହ ମାର୍ଜନ କରିବା ସେବା, ରଥଯାତ୍ରା ସମୟରେ ରତ୍ନସିଂହାସନ ମାର୍ଜନା, ତ୍ରିମୁଣ୍ଡି ଚାନ୍ଦୁଆ ଯୋଗାଇବା, ଦୈନିକ ମହାପ୍ରଭୁମାନଙ୍କ ଧୂପ ପୂଜା ସମୟରେ ଉପଚାର, ଚାମର ଓ ଆଲଟ ସେବା, ଅବକାଶ ସମୟରେ ମଶାଲ ଯୋଗାଇବା, ବଲ୍ଲଭ ସାମଗ୍ରୀ, ଖଟଣୀ ଭୋଗ କରାଇବା, ବିଭିନ୍ନ ପର୍ବପର୍ବାଣୀରେ ଅନୁଷ୍ଠିତ ବେଶ ସାମଗ୍ରୀ ଯଥା ପଦ୍ମବେଶ, ଗଜାନନ ବେଶ, ନବାଙ୍କ ବେଶ ଯୋଗାଇବା, ମହନଭୋଗ କରାଇବା, ପନ୍ତି ଭୋଗ ଓ ଅନ୍ୟାନ୍ୟ ସେବା ପ୍ରଦାନ ଇତ୍ୟାଦି ଅନ୍ୟତମ, ଯାହାକି ଏବେ ବି ଚାଲି ଆସୁଛି।

### ମଠ ପ୍ରତିଷ୍ଠା କିପରି ହେଲା

ଦାରୁବ୍ରହ୍ମରୂପୀ ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ହିନ୍ଦୁ ସନାତନ ଧର୍ମାବଲମ୍ବୀଙ୍କର ପରମ ଆରାଧ ଦେବତା। ସେ ସର୍ବ ସମ୍ପ୍ରଦାୟ ମତବାଦ ସମନ୍ୱୟର ମହାନ୍ ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ଓ ତତ୍ତ୍ୱ ବିଭିନ୍ନ ସମ୍ପ୍ରଦାୟ ତଥା ଧର୍ମଦ୍ୱାର ସମ୍ମତ ଓ ଆଦୃତ ହୋଇଆସିଛି। ପ୍ରାଚୀନ ସମୟରୁ ଏଠାକୁ ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ବହୁ ପ୍ରସିଦ୍ଧ ସାଧକ, ଆଚାର୍ଯ୍ୟ, ସନ୍ଥ, ସାଧୁ, ପଣ୍ଡିତମାନଙ୍କର ଆଗମନ ପୂର୍ବକ ଏହି ପୁଣ୍ୟ କ୍ଷେତ୍ରରେ ସାମୟିକ ଅବସ୍ଥାନ କରୁଥିଲେ। ଆଦିଶଙ୍କର, ରାମାନୁଜ, ବଲ୍ଲଭାଚାର୍ଯ୍ୟ, ବିଷ୍ଣୁସ୍ୱାମୀ, ନାନକ, କବୀର, ଜୟଦେବ, ଶ୍ରୀଚୈତନ୍ୟ ଆଦି ବହୁ ଦର୍ଶନ ଶାସ୍ତ୍ରଜ୍ଞ ପଣ୍ଡିତମାନେ ବୈଦିକ ରୀତିରେ ନିଜ ନିଜର ଗବେଷଣାତ୍ମକ ମତବାଦ ସର୍ବ ସମ୍ମୁଖରେ ଉପସ୍ଥାପନା କରିବା ସଙ୍ଗେ ସଙ୍ଗେ ତାଙ୍କର ଶିଷ୍ୟ ଓ ପ୍ରଶିଷ୍ୟମାନଙ୍କୁ ଶିକ୍ଷା ଦେବା ପାଇଁ ମଠ ମାନ ସୃଷ୍ଟି କରିଥିଲେ, ଯାହାକି ଏବେ ବି ଶ୍ରୀକ୍ଷେତ୍ରର ଐତିହ୍ୟକୁ ଆହୁରି ଗରିମାମୟ କରି ରଖିଛି।





ପାଖେଇ ଆସିଲାଣି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ। ଆସନ୍ତା ୧୭ ତାରିଖରେ ଲୋକାର୍ପଣ ଲାଗି ସଜେଇ ହେଉଛି ସହର। ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ଦେବା ଲାଗି ଜୋରସୋରରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଅର୍ଥାତ୍ ପ୍ରକଳ୍ପ ପରିସର ମଠ, ମନ୍ଦିରକୁ ବି ଦିଆଯାଉଛି ନୂଆରୂପ। ଏହା ପୂର୍ଣ୍ଣାଙ୍ଗ ରୂପ ନେଲେ ଉତ୍କଳୀୟ କଳା, ସଂସ୍କୃତି ଓ ଐତିହ୍ୟ ଛାପରେ ଝଲସିବ ଏହି ମଠ।

ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ପ୍ରକଳ୍ପ। ବଡ଼ଦେଉଳ ସୁରକ୍ଷା ଓ ସୌନ୍ଦର୍ଯ୍ୟୀକରଣ ସାଙ୍ଗକୁ ଭକ୍ତଙ୍କ ସୁବିଧା ପାଇଁ ଏହି ପ୍ରକଳ୍ପ ନିମନ୍ତେ ମନ୍ଦିର ଚତୁଃପାର୍ଶ୍ୱରୁ ଜମି ଅଧିଗ୍ରହଣ କରାଯାଇଥିଲା। ମେଘନାଦ ପ୍ରାଚୀରଠାରୁ ୭୫ ମିଟର ପରିଧିରେ ଥିବା ବ୍ୟକ୍ତିଗତ, ମଠାନୁଷ୍ଠାନର ଜମି, ଘରଗୁଡ଼ିକୁ ଅଧିଗ୍ରହଣ କରାଯାଇଥିଲା। ଫଳରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଅନେକ ମଠ ମହନ୍ତ ଓ ପରିଚାଳନା ଦାୟିତ୍ୱରେ ଥିବା କର୍ମକର୍ତ୍ତା ଜମି ଛାଡିଥିଲେ। ପ୍ରକଳ୍ପ ପରିସର ମଧ୍ୟରେ ପ୍ରାୟ ୧୭ଟି ମଠ ଓ ମନ୍ଦିରର ବିଜେସ୍ଥଳୀକୁ ସୁରକ୍ଷିତ ରଖି ଅନ୍ୟ ଅଂଶକୁ ଉଚ୍ଛେଦ କରାଯାଇଥିଲା। ତେଣୁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ମଠ, ମନ୍ଦିର ଜମିକୁ ଅଧିଗ୍ରହଣ କରିବା ବେଳେ ଏ ସବୁର ଉନ୍ନତିକରଣ ତଥା ସୌନ୍ଦର୍ଯ୍ୟୀକରଣ କରାଯିବ ବୋଲି ଘୋଷଣା କରିଥିଲେ ରାଜ୍ୟ ସରକାର। ସେହି ଧାର୍ମିକ ପୀଠଗୁଡ଼ିକୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ଦିଆଯାଉଛି ବାସ୍ତବ ରୂପ। ପ୍ରକଳ୍ପ ପରିସର ମଠ ଏବଂ ମନ୍ଦିରର ପୁନରୁଦ୍ଧାର କାମ ଜାରି ରହିଛି।

ଏହି ମଠଗୁଡ଼ିକ ମଧ୍ୟରେ ରହିଛି ମଙ୍ଗୁ ମଠ, ଛାଉଣୀ ମଠ, ବଡ଼ଛତା ମଠ, ଲଙ୍ଗୁଳି ମଠ, ନରସିଂହ ଆଚାରି ମଠ, ବଡ଼ ଆଖଡା ମଠ, ଉତ୍ତର ପାର୍ଶ୍ୱ ମଠ, ଦକ୍ଷିଣ ପାର୍ଶ୍ୱର୍ ମଠ, ରେବେସା ମଠ, ତ୍ରିମାଳୀ ମଠ, ତୋରାଣୀ ଛତ୍ର ମଠ, ପଞ୍ଜାବୀ ମଠ, ରାଧାବଲ୍ଲଭୀ ମଠ, କଟକୀ ମଠ, ସାନଝାଡୁ ମଠ, ବଳରାମ କୋଟ, ଶଙ୍ଖଚକ୍ର ମଠ। ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ ଏ ସବୁର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ ଜୋରଦାର ଚାଲିଛି।

ମଠଗୁଡ଼ିକର ଶହ ଶହ ବର୍ଷର ପୁରୁଣା ପ୍ଲାଷ୍ଟର ଛଡାଯାଇ ନୂଆ ଖଣ୍ଡୋଲାଇଟ୍ ପଥର ଲଗାଯାଉଛି। ପଥରକୁ ପୁରୁଣା ଢାଞ୍ଚାରେ ଲଗାଇବା ପାଇଁ ଦିନରାତି କାମ କରୁଛନ୍ତି ଶିଳ୍ପୀ। ସେହିପରି ପଥର କଟା ମେସିନ ବି କାମରେ ଲଗାଯାଇଛି। ବିଭିନ୍ନ ସାଇଜର ପଥର କଟାଯିବା ପରେ ଏଥିରେ ଆକୃତିର ରୂପ ଦିଆଯାଇ ଠିକଣା ଜାଗାରେ ଖଞ୍ଜାଯାଉଛି। ଏଥିସହ ପଥରର ସିଂହ ମୂର୍ତ୍ତି, ଖଣ୍ଡୋଲାଇଟ ପଥର ଚଟାଣ, ପ୍ରବେଶ ପଥ ଦ୍ୱାରକୁ ବର୍ମାଟିକ କାଠରେ ଆକର୍ଷଣୀୟ ଭାବେ ଲଗାଯାଉଛି। ସେହିପରି ମଠଗୁଡ଼ିକର ଯେଉଁଠି ଦୁର୍ବଳ ସ୍ଥାନ ରହିଛି, ତାହାର ମଧ ମରାମତି କରାଯାଇ ସୁଦୃଢ଼ କରାଯାଉଛି। କଳିଙ୍ଗ ସ୍ଥାପତ୍ୟ ଶୈଳୀ ଏବଂ ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଉପରେ ଆଧାରିତ ଡିଜାଇନ ଅନୁସାରେ ନବୀକରଣ କାର୍ଯ୍ୟ ଚାଲିଛି। ଏହି ସୌନ୍ଦର୍ଯ୍ୟୀକରଣ କାମ ଶେଷ ହେଲେ ମଠଗୁଡ଼ିକ ଅତୀବ ସୁନ୍ଦର ଦେଖାଯିବା ସହ ପରିକ୍ରମା ପ୍ରକଳ୍ପର ଶୋଭା ବର୍ଦ୍ଧନ କରିବ। ଏହାଦ୍ୱାରା ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ନୂଆ ଅନୁଭୂତି ପାଇବେ।

ଅପରପକ୍ଷେ ଠିକଣା ସମୟରେ ଯେପରି କାମ ସରିବ, ସେଥିପାଇଁ ବିଭିନ୍ନ ସମୟରେ ଅଧିକାରୀମାନେ ବୁଲି ଅନୁଧ୍ୟାନ କରୁଛନ୍ତି । '୫-ଟି' ତଥା 'ମୋ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନୁଧ୍ୟାନ ସମୟରେ ମଠଗୁଡ଼ିକର ପୁନରୁଦ୍ଧାର କାମ ବୁଲି ଦେଖୁଛନ୍ତି। ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖି କାମ ଯେପରି ଠିକ୍ ସମୟରେ ଏବଂ ଆକର୍ଷଣୀୟ ହେବ ସେଥିଲାଗି ପରାମର୍ଶ ଦେଉଛନ୍ତି। ସେହି ଅନୁଯାୟୀ ନିର୍ମାଣକାରୀ ସଂସ୍ଥା ଓବିସିସି ଦ୍ରୁତଗତିରେ କାମ ଚଳାଇଛି। ଅନ୍ୟପକ୍ଷରେ ଶ୍ରୀକ୍ଷେତ୍ରରେ ମଠଗୁଡ଼ିକର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କରାଯାଉଥିବାରୁ ଏହାକୁ ସମସ୍ତେ ପ୍ରଶଂସା କରିଛନ୍ତି।

# ଜଗନ୍ନାଥମୟ ଶ୍ରୀକ୍ଷେତ୍ର ପରିବେଶ

## ସଂକୀର୍ତ୍ତନରେ ଉଚ୍ଛୁଳିବ, ସାହିଯାତରେ ଦୁଲୁକିବ

**ଭକ୍ତିରେ ତଲ୍ଲୀନ କରିବେ ୩୫୦ କଳାକାର**

ସାହିଯାତରେ ଦୁଲୁକିବ ବଡ଼ଦାଣ୍ଡ। 'ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ତ୍ରାହିମାମ, ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ରକ୍ଷାମାମ' ସଂକୀର୍ତ୍ତନରେ ଉଚ୍ଛୁଳିବ ପରିକ୍ରମା ମାର୍ଗ। ପ୍ରଦକ୍ଷଣ ମାର୍ଗ ମୁକ୍ତାକାଶ ମଞ୍ଚରେ ଜମିବ ଘୋଡ଼ାନାଚରୁ ଘୁଡୁକି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ରରେ ଜମିବ ଅଦିନିଆ ପାର୍ବଣ। ପାରମ୍ପରିକ କଳାରେ ବିଭୋର ହେବେ ଭକ୍ତ। ୩୫୦ କଳାକାରଙ୍କ କଳା ପ୍ରଦର୍ଶନରେ ଉଚ୍ଛୁଳିବ ଶ୍ରୀକ୍ଷେତ୍ର। ଶ୍ରୀକ୍ଷେତ୍ରର ଐତିହାସିକ ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ଏଭଳି ଆଡ଼ମ୍ବରପୂର୍ଣ୍ଣ ଅବସର ସାଉଁଟିବେ ଆଗନ୍ତୁକ ଭକ୍ତ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଯଜ୍ଞ ପର୍ବ ୧୨ ତାରିଖରୁ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ୪ ବେଦରେ ଶୁଦ୍ଧ ହେବ ପରିବେଶ। ଆଧ୍ୟାତ୍ମିକ ପରଶ ଭେଟିଦେବା ପାଇଁ ୧୩ ତାରିଖରୁ ଆରମ୍ଭ ହେଉଛି ସାଂସ୍କୃତିକ ପର୍ବ। ପୁରୀର ପାରମ୍ପରିକ ସାହିଯାତ ପର୍ବରେ ଜମିବ ବଡ଼ଦାଣ୍ଡ। ଆଠ ସାହି ଆଖଡ଼ା ପକ୍ଷରୁ ଏନେଇ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ବୀରବାଦ୍ୟରେ ମେଢ଼ ନୃତ୍ୟ ଭେଟିଦେବେ ଜାଗା ଆଖଡ଼ାର କଳାକାର। ୧୩ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଆଠସାହିର ଶିଳ୍ପୀମାନେ ସାହିଯାତ ପ୍ରଦର୍ଶନ କରିବେ। ପ୍ରତ୍ୟେକ ଦିନ ଅପରାହ୍ଣରୁ ମେଢ଼ ସାହିରୁ ବାହାରି ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ସେଠାରୁ ଜଗନ୍ନାଥ ବଲ୍ଲଭ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯିବ। ପ୍ରତ୍ୟେକ ଦିନ ୨୫ ଜଣ ଲେଖାଏଁ କଳାକାର ମେଢ଼ ବେଶରେ ନୃତ୍ୟ ପରିବେଷଣ କରିବେ। ୫ ଦିନ ପର୍ଯ୍ୟନ୍ତ ଯାତ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। କାଳୀ, ଦୁର୍ଗା, ଗଣେଶ, ନବଶିରା, ସପ୍ତଶିରା ଓ ନାଗା ମେଢ଼ ନୃତ୍ୟ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନୀ ପର୍ବ ଦିନ ପ୍ରଦକ୍ଷଣ ମାର୍ଗରେ ମୁକ୍ତାକାଶ ମଞ୍ଚରେ ଘୋଡ଼ାନାଚ, ଘୁଡୁକି ଓ ଗୋଟିପୁଅ ନୃତ୍ୟ ପରିବେଷଣ ହେବ। ପ୍ରାଚୀନ ଛାନ୍ଦ, ଚମ୍ପୂ, ଚୌପଦୀର ଝଲକ ଗୋଟିପୁଅ ନୃତ୍ୟରେ ଦେଖିବାକୁ ମିଳିବ। ଦଶଭୁଜା ଗୋଟିପୁଅ ନୃତ୍ୟାନୁଷ୍ଠାନର ମିଟୁ ଦାସ, ନକ୍ଷତ୍ର ଗୁରୁକୁଳର ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ୭୦ ଜଣ ଶିଳ୍ପୀ ନୃତ୍ୟ ପରିବେଷଣ କରିବେ। ଏହାବ୍ୟତୀତ ମଙ୍ଗଳପୁରର ଦୁଃଖୀଶ୍ୟାମ ପରିଡ଼ାଙ୍କ ଗ୍ରୁପ ପାରମ୍ପରିକ ଘୋଡ଼ାନାଚ ପରିବେଷଣ କରିବେ। ଆଉ ଏକ ମଞ୍ଚରେ ବ୍ରହ୍ମଗିରିର ଭରତ ତରାଇ, ରୀନାରାଣୀ ତରାଇଙ୍କ ନେତୃତ୍ୱରେ ଘୁଡୁକି ନୃତ୍ୟ ପ୍ରଦର୍ଶିତ ହେବ ବୋଲି ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ ପ୍ରଧାନ କହିଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଚତୁଃପାର୍ଶ୍ୱରେ ୧୪ରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ପକ୍ଷରୁ ମୋଟ ୪ଟି ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିବେ। ୧୫୦ ସଂକୀର୍ତ୍ତନକଳାକାର ୪ଟି ଦଳରେ ସଂକୀର୍ତ୍ତନ ପରିବେଷଣ କରିବେ। ପ୍ରତ୍ୟେକ ଦଳରେ ୩୭ଜଣ କଳାକାର ସଂକୀର୍ତ୍ତନ ପରିବେଷଣ କରି ପ୍ରଦକ୍ଷଣ କରିବେ। ପରିଷଦର ସଂଗଠନ ସମ୍ପାଦକ ଚକ୍ରଧର ମହାପାତ୍ରଙ୍କ କହିବା ଅନୁଯାୟୀ, ଏହା ଏକ ଐତିହାସିକ କାର୍ଯ୍ୟକ୍ରମ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରକଳ୍ପ ଉଦ୍‌ଘାଟନ ହେଉଥିବାରୁ ଏଥିପାଇଁ ପ୍ରତ୍ୟେକ କଳାକାର ଉତ୍ସାହିତ ଅଛନ୍ତି। ତେଣୁ ପ୍ରଦକ୍ଷଣ ମାର୍ଗକୁ ଆଧ୍ୟାତ୍ମିକ ଭାବଧାରା ମଧ୍ୟରେ ବାନ୍ଧି ରଖିବାକୁ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ସଂକୀର୍ତ୍ତନ ପରିବେଷଣ ହେବ। ଶ୍ରୀକ୍ଷେତ୍ରରେ ପାର୍ବଣ ମୁଖର ପରିବେଶ ସୃଷ୍ଟି ହେବ। ଜଗନ୍ନାଥମୟ ହେବ ଶ୍ରୀକ୍ଷେତ୍ର ପରିବେଶ।





# ଘଣ୍ଟ, ଶଙ୍ଖ, ହୁଳହୁଳି ଓ ଜୟ ଜଗନ୍ନାଥ ଶବ୍ଦରେ ସମ୍ବଲପୁରର ଗାଁରୁ ସହର କମ୍ପିଲା

ଆସନ୍ତା ୧୭ ତାରିଖରେ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋର୍କାପଣ ଉତ୍ସବ। ସେଇଥିପାଇଁ ଘଣ୍ଟ, ଶଙ୍ଖ ହୁଳହୁଳି ଓ ଜୟଜଗନ୍ନାଥ ଶବ୍ଦରେ ସମ୍ବଲପୁର ଜିଲ୍ଲାର ଗାଁରୁ ସହର ପ୍ରକମ୍ପିତ ହେଉଛି। ସବୁ ଗ୍ରାମର ସମସ୍ତଙ୍କ ଘରୁ ପ୍ରଭୁଙ୍କୁ ସମର୍ପଣ କରିବା ପାଇଁ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ସହର ଓ ଗାଁ ଗୁଡିକରେ ଅର୍ପଣ ରଥକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ସହ ସମଗ୍ର ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ଲୋକଙ୍କ ମୁହଁରୁ



ଆମର ଗାଁ କେ ଆସିଥିଲା ଅର୍ପଣ ରଥ। ଆମେ ଭଜନ କୀର୍ତ୍ତନ କରି ସ୍ୱାଗତ କରବା ସାଙ୍ଗେ ଦେଲୁ ଗୁଆ, ଚାଉଳ । ଆମର ଓଡିଶାଥି ଏନ୍ତା ଆଗରୁ ଆମେ ନିଜାନି । ଏଛେନ ଆମେ ଶୁନବାର କେ ପାଉଛୁଁ ମହାପ୍ରଭୁଙ୍କୁ ଦର୍ଶନ କରବାର ଲାଗି ଲେଟ ଆଉ ନିଲାଗେ, ସଭେ ଭଲ କରି ଦର୍ଶନ କରିପାରବେ । ସେଥିର ଲାଗି ମୁଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ଭି.କେ. ପାଣ୍ଡିଆନଙ୍କୁ ବହୁତ ବହୁତ ଧନ୍ୟବାଦ ଦେଉଛେଁ ଆଉ ଜୁହାର କରୁଛେଁ ।

**ସୀତାରାମ ବେହେରା (ସୁରେନ୍ଦ୍ର ସାଏଙ୍କ ଜନ୍ମଭୂମି ଖିଣ୍ଡା)**







# ଅର୍ପଣ ରଥକୁ ଭାବ ଭକ୍ତିର ସହିତ ସ୍ୱାଗତ





ମୁଇଁ ଜଗନ୍ନାଥ ମହାପ୍ରଭୁଙ୍କର ଅର୍ପଣ ରଥ ସାଙ୍ଗେ ବହୁତ ବେଲତକ ବୁଲଲି, ଭଜନ କୀର୍ତ୍ତନ, ଶଙ୍ଖ ହୁଲହୁଲି ଥି ଗାଁ ମାନେ କମ୍ପିଯାଉଥିଲା। ମତେ ବହୁତ ବଢିଆ ଲାଗଲା । ଜିବନଥି ଇନ୍ତା ଭଲ କାମ କରବାର ଟା ଭାଗ୍ୟେଥିଲେ ମିଲସି । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପ୍ରଚାର ପ୍ରସାର ଆଉ ସଂରକ୍ଷଣ କରବାର ଟା ହାତକେ ନେବାର, ଅର୍ପଣ ରଥ ପରିକ୍ରମା କରବାର ଗୁଟେ ଐତିହାସିକ ପଦକ୍ଷେପ ଆଏ। ଇଥିର ଲାଗି ମୁଇଁ ଶ୍ରୀମନ୍ଦିର ପରିଚାଳନା କମିଟିର ସମକୁ ଆଉ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ଭି.କେ. ପାଣ୍ଡିଆନଙ୍କୁ ବହୁତ ବହୁତ ଧନ୍ୟବାଦ ଦେଉଛେଁ ।

**ଦୁର୍ଯ୍ୟୋଧନ ସାଲିମା (ତଲାବିରା ଗ୍ରାମବାସୀ)**





## କଳାହାଣ୍ଡି ଜିଲ୍ଲାରେ ଅର୍ପଣ ରଥକୁ ନେଇ ଭକ୍ତଙ୍କ ମତାମତ



ଚାରି ଧାମ ମଧ୍ୟରୁ ଅନ୍ୟତମ ପୁରୀ ମହାପ୍ରଭୁ ଶ୍ରୀକ୍ଷେତ୍ର ଧାମ। ଏହା ସନାତନ ଧର୍ମର ପ୍ରମୁଖ ଧାମ । ଏହି ଧାମ ବିଶ୍ୱର କୋଟି କୋଟି ହିନ୍ଦୁଙ୍କ ଭକ୍ତିଭାବ ସହିତ ଜଡିତ । ରାଜ୍ୟ ସରକାର ଶ୍ରୀକ୍ଷେତ୍ର ଧାମର ପରିକ୍ରମା ପ୍ରକଳ୍ପ ଓ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ପ୍ରଚାର ପ୍ରସାର ପାଇଁ ନିଷ୍ପତ୍ତି ନେଇ ଏହାର ସୌନ୍ଦର୍ଯ୍ୟକରଣ କରିଛନ୍ତି। ଏହା ସ୍ୱାଗତ ଯୋଗ୍ୟ। ଏଣୁ ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ଅଧକ୍ଷଙ୍କୁ ଶୁଭେଚ୍ଛା ଜଣାଉଛି ।

**ବରିଷ୍ଠ ଆଇନଜୀବୀ , ଅନୁପ ଷଡଙ୍ଗୀ**





ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଚାର ପ୍ରସାର କରାଯିବା ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା କରାଯିବା ସ୍ୱାଗତ ଯୋଗ୍ୟ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନୂଆ ରୂପରେ ସୌନ୍ଦର୍ଯ୍ୟକରଣ ସହ ମଠ, ମନ୍ଦିର ପୁରୁଣା ଐତିହ୍ୟ ଜୀବନ୍ତରୂପ ପାଇଛି । ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଓ ଗାଁରୁ ସହର ସବୁଠି ଭକ୍ତିମୟ ପରିବେଶ ତଥା ଜାତି ଧର୍ମ ସମସ୍ତ ହିନ୍ଦୁ ଧର୍ମର ଲୋକଙ୍କ ମଧ୍ୟରେ ଏକତା ସ୍ନେହ ଓ ପ୍ରଗତି ଉଦ୍ୟମ କରୁଥିବା ଯୋଗୁଁ ରାଜ୍ୟ ସରକାରଙ୍କୁ ଶୁଭେଚ୍ଛା ଜଣାଉଛି।

**ପୂର୍ବତନ ବିଧାୟକ , ଗୋବର୍ଦ୍ଧନ ଦାଶ**





ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ସମାରୋହ ପାଇଁ ଅବଗଣନା ଆରମ୍ଭ ହୋଇଗଲାଣି। ଆଉ ଦିନ ଚାରିଟା ପରେ ଅର୍ଥାତ୍ ଆଗାମୀ ୧୭ ତାରିଖର ନିର୍ଦ୍ଧାରିତ ଶୁଭମୁହୂର୍ତ୍ତରେ ଏହାର ଲୋକାର୍ପଣ କରିବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଥିପାଇଁ ଭକ୍ତ, ଶ୍ରଦ୍ଧାଳୁ, ସେବାୟତ, ପଣ୍ଡିତ, ଧର୍ମ ବିଶାରଦଙ୍କ ସମେତ ଜାତି, ଧର୍ମ, ବର୍ଣ୍ଣ, ଦଳମତ ନିର୍ବିଶେଷରେ ସବୁ ମହଲରେ ଉତ୍କଣ୍ଠା ଭରି ରହିଛି। ସମସ୍ତେ ଅପେକ୍ଷା କରିଛନ୍ତି ସେହି ଭବ୍ୟ ସମାରୋହ ମୁହୂର୍ତ୍ତକୁ । ସାମଗ୍ର ଶ୍ରୀକ୍ଷେତ୍ର ଉତ୍ସବ ମୁଖରିତ ହେବାରେ ଲାଗିଛି। ସବୁ ଆଡେ ଭକ୍ତିମୟ ଆଧାତ୍ମିକ ପରିବେଶ। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ଅର୍ପଣ ରଥର ପରିକ୍ରମାବି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚାଲୁ ରହିଛି। ଗାଁରୁ ସହର ସବୁଠି ମିଳୁଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ୱାର୍ଡମେମ୍ବର, ସରପଞ୍ଚ ଠାରୁ ଆରମ୍ଭ କରି ନେତା, ମନ୍ତ୍ରୀ, ସାଂସଦ, ବିଧାୟକ ଏପରିକି ବିରୋଧି ଦଳର ନେତାମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରୁଥିବା ଦେଖାଯାଉଛି। ବଡ ଠାକୁରଙ୍କ କାମ ହୋଇଥିବାରୁ ସମସ୍ତେ ନିଷ୍ଠା ଓ ଭକ୍ତି ସହ ମନଲଗେଇ ଏହି ପବିତ୍ର କାମରେ ଲାଗିପଡିଛନ୍ତି। ଖାଲି ଟିକେ ମହାପ୍ରଭୁଙ୍କ ଆଶୀର୍ବାଦ ପାଇବା ଉଦ୍ଦେଶ୍ୟରେ।

ପୁରୀ ଶ୍ରୀକ୍ଷେତ୍ରଧାମର ପରିକ୍ରମା ପ୍ରକଳ୍ପର ଲୋକାର୍ପଣକୁ ନେଇ ଜିଲ୍ଲାର ସମସ୍ତ ବ୍ଲକରେ ଅର୍ପଣ ରଥ ଶୁଭାରମ୍ଭ ହୋଇଥିବା ବେଳେ ଭବାନୀପାଟଣା ପୌରାଞ୍ଚଳର ୨୦ ଗୋଟି ୱାର୍ଡରେ ୨ଦିନ ଧରି ଅର୍ପଣ ରଥ ପରିକ୍ରମା କରି ଅରୁଆ ଚାଉଳ, ଗୁଆ ସଂଗ୍ରହ କରାଯାଇଛି। ଶ୍ରଦ୍ଧାଳୁମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ପୂଜାର୍ଚ୍ଚନା କରିବା ପରେ ଅର୍ପଣ ରଥ ଗୁଡିକ ଭବାନୀପାଟଣାର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ସହରର ବିଭିନ୍ନ ୱାର୍ଡ ଗୁଡିକ ଯାତ୍ରା କରିବା ସମୟରେ ଲୋକେ ଗୁଆ ଓ ଚାଉଳ ସମର୍ପଣ କରିବା ସହ ଘଣ୍ଟ, ଶଙ୍ଖ, ବଜାଇବା ସହ ହୁଳହୁଳି ଶବ୍ଦରେ ସମସ୍ତ ସହର ପ୍ରକମ୍ପିତ ହୋଇଥିଲା। ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ପ୍ରକଳ୍ପ ପ୍ରତିଷ୍ଠାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଅର୍ପଣ ରଥ ଶୁଭାରମ୍ଭ ଯାତ୍ରାକୁ ପୌରାଧକ୍ଷା ସଂଯୁକ୍ତା ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶ୍ରୀମନ୍ଦିର ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଅର୍ପଣ ରଥକୁ ଭାବ ଭକ୍ତିର ସହିତ ସ୍ୱାଗତ ପାଇଁ ରାଜ୍ୟ ସଭା ସାଂସଦ ସୁଜିତ କୁମାର, କ୍ୟାପଟେନ ମିଶ୍ର, ଭବାନୀ ମିଶ୍ର, ଜିତୁ ମହାନ୍ତି, ଲଳିତା ନାଏକ, ଦୁଷ୍ମନ୍ତ ନାଏକ, ଉଦିଆ ସୁନାନୀ, ସାମନ୍ତ ଖମାରୀ, ପ୍ରଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।











# ନୟାଗଡ଼ ଜିଲ୍ଲାରେ ଗଢ଼ିଲା ଜଗନ୍ନାଥ ଅର୍ପଣ ରଥ

ନୟାଗଡ ଜିଲ୍ଲାର ସମସ୍ତ ବ୍ଲକ୍, ପଞ୍ଚାୟତ, ମ୍ୟୁନିସିପାଲିଟି ଓ ଏନଏସି ଗୁଡ଼ିକରେ ଜଗନ୍ନାଥ ଅର୍ପଣ ରଥର ଶୁଭ ଉଦ୍ଘାଟନ ହୋଇଯାଇଛି । ଏହି ରଥର ଶୁଭଉଦ୍ଘଟାନ କରିଥିଲେ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର ନାଥ ସାହୁ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବ। ଏଥି ନିମନ୍ତେ କାର୍ଯ୍ୟକ୍ରମକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାର ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ଦ୍ୱାରା ରାଜ୍ୟବ୍ୟାପୀ ପ୍ରତ୍ୟେକ ଗାଁ ତଥା ଘରୁ ଅରୁଆ ଚାଉଳ, ଗୁଆ ଆଦି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବାର ବ୍ୟବସ୍ଥା ହୋଇଛି। ଜଗନ୍ନାଥ ଅର୍ପଣ ରଥ ଜରିଆରେ ଏହା ସଂଗ୍ରହ କରାଯିବା ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲାରେ ଜଗନ୍ନାଥ ଅର୍ପଣ ରଥର ଉଦ୍ଘାଟନ କରାଯାଇଅଛି । ଏହି ରଥ ନୟାଗଡ଼ ବ୍ଲକ୍ ଭାଟସାହି ପଞ୍ଚାୟତରୁ ଗଡ଼ିବା ଆରମ୍ଭ ହୋଇଥିଲା। ଏହି ଉଦ୍ଘାଟନରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂଚାରୁ କୁମାର ବଳ, ନୟାଗଡ଼ ପଞ୍ଚାୟତ ସମିତି ଅଧକ୍ଷ କିଶୋରଚନ୍ଦ୍ର ସାହୁ, ବିଡିଓ ପଦ୍ମଚରଣ ସାହୁ, ଭାଟସାହି ସରପଞ୍ଚ ଶାରଦା କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରି ଓଡ଼ଗାଁ, ନୂଆଗାଁ, ଭାପୁର, ଦଶପଲ୍ଲା, ଗଣିଆ ସମେତ ସମସ୍ତ ବ୍ଲକ୍‌ରେ ଏହି ରଥର ଉଦ୍ଘାଟନ ହୋଇଥିଲା ଯେଉଁଥିରେ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଏବଂ ଅଧକ୍ଷମାନେ ଉପସ୍ଥିତ ରହି ଏହି ରଥର ଉଦ୍ଘାଟନ କରିଥିଲେ । ପ୍ରତ୍ୟେକ ବ୍ଲକ୍‌ର ପଞ୍ଚାୟତ ଗୁଡିକରେ ଏହି ରଥ ବୁଲିବାର କାର୍ଯ୍ୟକ୍ରମ ରହିଛି । ଜଗନ୍ନାଥ ଅର୍ପଣ ରଥକୁ ଲୋକେ ପୁଷ୍ପ ମାଲ୍ୟ ଦେଇ ସ୍ୱାଗତ କରିଥିଲେ ଏବଂ ଏଥିପାଇଁ ସାରା ଅଞ୍ଚଳରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମର ପ୍ରତ୍ୟେକ ପରିବାର ପକ୍ଷରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରାଯାଇଥିଲା । ସୂଚନା ଅନୁଯାୟୀ ଏହି ରଥ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ନୟାଗଡ ଜିଲ୍ଲାର ସମସ୍ତ ପଞ୍ଚାୟତ ପରିକ୍ରମା କରିବା ସହ ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଓ ଗଳି ଗୁଆ ସଂଗ୍ରହ କରାଯିବ । ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଚାଲିଛି ।

## ସେମାନଙ୍କ ମତରେ



ଦୀର୍ଘ ଦିନ ଧରି ମହାପ୍ରଭୁଙ୍କର ଲୀଳାଖେଳାକୁ ସାରା ଜଗତରେ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଯେଉଁ କାର୍ଯ୍ୟକ୍ରମଟି ଆରମ୍ଭ କରାଯାଇଥିଲା ତାହା ଏବେ ଅନ୍ତିମ ପର୍ଯ୍ୟାୟରେ ଉପନୀତ । ଭକ୍ତମାନେ ଠାକୁରଙ୍କ ଅର୍ପଣ ରଥକୁ ସ୍ୱାଗତ କରିବା ସହ ପ୍ରତିଷ୍ଠା ଦିବସକୁ ଚାହିଁ ରହିଛନ୍ତି। ଜଗତର ନାଥ ସମସ୍ତଙ୍କ ଆରାଧ୍ୟ ଦେବତା ହୋଇଥିବାରୁ ସମସ୍ତେ ପ୍ରବଳ ଉତ୍ସାହ ଉଦ୍ଦୀପନାରେ କାର୍ଯ୍ୟକ୍ରମର ସଫଳତା କାମନା କରୁଛନ୍ତି। ମୁଁ ଆନ୍ତରିକ ଭାବେ ଏହି କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି।

**କୁଶ ମହାରଣା, ଭକ୍ତ**

ଆଉ ମାତ୍ର ଅଳ୍ପଦିନ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ହେବ। ସେହି କାର୍ଯ୍ୟକ୍ରମକୁ ସମସ୍ତେ ଆଗ୍ରହ ସହ ଅପେକ୍ଷା କରିଛୁ। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ଥିଲା। ମୁଖ୍ୟମନ୍ତ୍ରୀ ଏହାକୁ କାର୍ଯ୍ୟକାରୀ କରି ସାରା ଓଡ଼ିଶାବାସୀଙ୍କ ମନରେ ଆତ୍ମ ବିଶ୍ୱାସ ଭରି ଦେଇଛନ୍ତି। ତାଙ୍କର ଏହି ପଦକ୍ଷେପ ନିହାତିଭାବରେ ସ୍ୱାଗତ ଯୋଗ୍ୟ।



**ମନୋଜ ସାହୁ, ଆଡଭୋକେଟ।**

ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ବିଶ୍ୱ ଅର୍ଥନୈତିକ ଫୋରମ ରିପୋର୍ଟ:ବିଭ୍ରାନ୍ତ କରୁଛି ଏଆଇ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମାନବ ସମାଜକୁ ବିଭିନ୍ନ ପ୍ରକାରରେ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ବହୁ ପୂର୍ବରୁ ଆକଳନ କରିଛନ୍ତି । ସେହି ପୂର୍ବାନୁମାନ ଧୀରେ ଧୀରେ ସତ ହେବାରେ ଲାଗିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶକ୍ତିକୁ ବ୍ୟବହାର କରି ପ୍ରସ୍ତୁତ କରାଯାଉଥିବା ଡିପ୍‌ଫେକ୍ ଭିଡିଓ ମହିଳାମାନଙ୍କ ଆତ୍ମସମ୍ମାନ ପ୍ରତି ବିପଦ ସୃଷ୍ଟି କରିଛି । ଏବେ ବିଶ୍ୱ ଅର୍ଥନୈତିକ ଫୋରମ (ଡବ୍ଲୁଇଏଫ୍) ଏହାର ଏକ ରିପୋର୍ଟରେ ଜଣାଇଛି ଯେ ମାନବ ସମାଜ ଲାଗି ସବୁଠୁ ବଡ଼ ବିପଦ ହେଉଛି ଏଆଇକୁ ବ୍ୟବହାର କରି ପ୍ରସ୍ତୁତ କରାଯାଉଥିବା ମିଥ୍ୟା ତଥ୍ୟ । ଆଗାମୀ ଦିନରେ ଆମେରିକା, ବ୍ରିଟେନ୍, ଇଣ୍ଡୋନେସିଆ, ଭାରତ, ମେକ୍ସିକୋ ଓ ପାକିସ୍ତାନରେ ନିର୍ବାଚନ ହେବାକୁ ଯାଉଥିବାରୁ ମିଥ୍ୟା ତଥ୍ୟ ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଡିପ୍‌ଫେକ୍ ଭିଡିଓ ଓ ଛବି ତିଆରି କରି ଲୋକମାନଙ୍କୁ ପ୍ରଭାବିତ କରିବା ଲାଗି ଉଦ୍ୟମ ହେବ ।

ଲୋକମାନେ ସତ କଣ ଜାଣିବା କଷ୍ଟକର ହୋଇପଡ଼ିବ । ମିଥ୍ୟା ତଥ୍ୟ ନିର୍ବାଚିତ ସରକାର ଉପରେ ପ୍ରଶ୍ନ ଉଠାଇବା ଲାଗି ପରିବେଶ ସୃଷ୍ଟି କରିବ । ସେଥିରୁ ସମାଜରେ ଧ୍ରୁବୀକରଣ ହୋଇ ଗାଣତନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି । ମିଥ୍ୟା ତଥ୍ୟ ସମାଜ ପାଇଁ ସବୁବେଳେ ଏକ ସମସ୍ୟା ହୋଇରହିଛି । ସାମାଜିକ ଗଣମାଧ୍ୟମ ଯୁଗରେ ଏଭଳି ତଥ୍ୟ ଦ୍ରୁତ ଗତିରେ ପ୍ରସାର ହେଉଛି । ଏଆଇର ଶକ୍ତିକୁ ବ୍ୟବହାର କରି ପ୍ରସ୍ତୁତ କରାଯାଉଥିବା ମିଥ୍ୟା ତଥ୍ୟ ଗାଣତନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ ବଡ଼ ବିପଦ । ଏହା ସମାଜରେ ଧ୍ରୁବୀକରଣ ଆଣିବ । ବିଶ୍ୱ ଅର୍ଥନୀତିକୁ ବିପଦରେ ପକାଇବ ବୋଲି ଡବ୍ଲୁଇଏଫ ଜଣାଇଛି ।

ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ରେ ଡବ୍ଲୁଇଏଫ ଶିଖର ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ଏହି ରିପୋର୍ଟ ଜାରି କରାଯାଇଛି । ବିଶ୍ୱର ୧୫୦୦ରୁ ଅଧିକ ବିଶେଷଜ୍ଞ, ଶିଳ୍ପ ନେତୃବୃନ୍ଦ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ନେଇ କରାଯାଇଥିବା ଏକ ଅଧ୍ୟୟନରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ଆସନ୍ତା ଦୁଇ ବର୍ଷ ଲାଗି ସମାଜ ପ୍ରତି ସବୁଠୁ ବଡ଼ ବିପଦ ହେଉଛି ମିଥ୍ୟା ତଥ୍ୟ ପ୍ରଯୁକ୍ତି ଦ୍ରୁତ ଗତିରେ ଉନ୍ନତ ହେଉଥିବାରୁ ଏହି ନୂଆ ସମସ୍ୟା ଦେଖାଦେଇଛି । ତେବେ ଦୀର୍ଘକାଳୀନ ଭିତ୍ତିରେ ଜଳବାୟୁ ପରିବର୍ତ୍ତନ ସବୁଠୁ ବଡ଼ ସମସ୍ୟା ହୋଇରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଡାଭୋସ ଶିଖର ସମ୍ମିଳନୀରେ ଏଆଇ ଏକ ପ୍ରମୁଖ ପ୍ରସଙ୍ଗ ହେବ । ଚାଟ୍‌ଜିପିଟି ବିକାଶ କରିଥିବା ସଂସ୍ଥା ଓପନ୍‌ଏଆଇର ସିଇଓ ସାମ ଅଲ୍ଟମ୍ୟାନ୍, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା, ମେଟାର ମୁଖ୍ୟ ଏଆଇ ବୈଜ୍ଞାନିକ ୟାନ ଲିକୁନ ପ୍ରମୁଖ ସେଥିରେ ଯୋଗଦେବେ ।

# ସମାନ ସଂଖ୍ୟାକୁ ସମାନ ଭାଗ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ
ମୋ. ୭୦୦୮୯୭୬୧୮୦

'ଯାହାର ସଂଖ୍ୟା ଯେତେ, ତାହାର ଭାଗ ସେତେ' ଭାରତୀୟ ରାଜନୀତିରେ ଏ ସ୍ଲୋଗାନ କ୍ରମେ ଘନୀଭୂତ ହେଉଛି । ଉତ୍ତରପ୍ରଦେଶରେ ମାନ୍ୟବର କାଂଶିରାମ ଏହି ସ୍ଲୋଗାନର ଜନ୍ମଦାତା । ଏହାରି ବଳରେ ସେ ବହୁଜନ ସମାଜ ପାର୍ଟିକୁ ରାଜ୍ୟରେ କ୍ଷମତାକୁ ଆଣିଥିଲେ ଓ ଅନ୍ୟାନ୍ୟ ଉତ୍ତର ଭାରତୀୟ ରାଜ୍ୟରେ ଉଣାଅଧିକ ନିଜର ସ୍ଥିତିକୁ ଜାହିର କରିପାରିଥିଲେ । ତାଙ୍କର ଏ ସ୍ଲୋଗାନ କ୍ରମେ ପରିବ୍ୟାପ୍ତ ହେବାରେ ଲାଗିଛି । ଏହା ଅନ୍ୟାନ୍ୟ ରାଜନୈତିକ ଦଳକୁ ମଧ୍ୟ ସଂକ୍ରମିତ ହେଲାଣି । ବିଶେଷକରି ସାମାଜିକ ନ୍ୟାୟର ସମର୍ଥକ ରାଜନୈତିକ ଦଳମାନେ ଏପରି ସ୍ଲୋଗାନ ଦେବାର ଶୁଣିବାକୁ ମିଳୁଛି । ଏସସି, ଏସଟି ଓ ଓବିସି ପ୍ରଭାବିତ ରାଜନୈତିକ ଦଳମାନେ ନିଜର ସ୍ଥିତିକୁ ମଜଭୂତ କରିବା ପାଇଁ ଏହାର ଆଶ୍ରା ନେଇଛନ୍ତି । ଓଡ଼ିଶାରେ ମଧ୍ୟ ଏ ଆୱାଜ ଶୁଭିବା ଆରମ୍ଭ ହୋଇଛି । ରାଜ୍ୟରେ ସାମାଜିକ ନ୍ୟାୟର ପ୍ରବକ୍ତାମାନେ ଏହି ସ୍ଲୋଗାନ ଦେବାର ଶୁଣାଯାଉଛି । ଏମାନଙ୍କ ଯୁକ୍ତି ଯେ ରାଜ୍ୟର ପ୍ରତ୍ୟେକ ବର୍ଗ ପ୍ରତ୍ୟେକ କ୍ଷେତ୍ରରେ ସଂଖ୍ୟାନୁପାତି ପ୍ରତିନିଧିତ୍ୱ ପାଇବାକୁ ହକ୍‌ଦାର । ଏହି ସ୍ଲୋଗାନ ରାଜ୍ୟ ରାଜନୀତିକୁ ବଦଳାଇବାରେ କେତେ ସହାୟକ ହେବ ତାହା ସମୟ ବତାଇବ । ଏହାକୁ ନେଇ କେତେ ମାତ୍ରାରେ ସାମାଜିକ ଓ ରାଜନୈତିକ ଆନ୍ଦୋଳନ ଛିଡା କରାଯାଇପାରୁଛି ତାହାରି ଉପରେ ନିର୍ଭର କରିବ ରାଜନୈତିକ ଗତି ।

ଦେଶରେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପରେ ଯେଉଁ ସାମାଜିକ ବିତର୍କ ଆରମ୍ଭ ହେଲା ତାହାରି ପରେ ହିଁ ସାମାଜିକ ନ୍ୟାୟର କଥା ରାଜନୀତିରେ ଦାନା ବାନ୍ଧିଲା । ସାମାଜିକ ନ୍ୟାୟର ମୂଳ ଆଧାର ହେଉଛି 'ଯାହାର ସଂଖ୍ୟା ଯେତେ, ତାହାର ଭାଗ ସେତେ' ଏହାର ଅର୍ଥ ହେଉଛି ଦେଶରେ ଯେଉଁ ସାମ୍ବିଧାନିକ ଜାତିଗୋଷ୍ଠୀ ରହିଛି ସେମାନଙ୍କୁ ଚାକିରୀ, ଶିକ୍ଷା, ରାଜନୀତି ଓ ବାଣିଜ୍ୟ ବ୍ୟବସାୟରେ ସମାନ ଭାଗୀଦାରୀ କରାଇବା ଆବଶ୍ୟକ ହେଲେ ଏଥିପାଇଁ ସାମ୍ବିଧାନିକ ବ୍ୟବସ୍ଥା ତିଆରି କରିବା ଏ ସମସ୍ତ ଦୃଷ୍ଟିରୁ ସାମାଜିକ ବିଷମତା ଥିଲେ ଦେଶରେ ସାମାଜିକ ନ୍ୟାୟ ରହିଛି ବୋଲି କୁହାଯାଇ ପାରିବ ନାହିଁ । ସମ୍ବିଧାନ ସମ୍ମତ ଭାବେ ଯେଉଁ ଜାତିଗୋଷ୍ଠୀ ରହିଛି ସେଗୁଡ଼ିକ ହେଉଛି ଅନୁସୂଚିତ ଜାତି (ଏସସି), ଅନୁସୂଚିତ ଜନଜାତି (ଏସଟି) ଓ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏମାନେ ଯେଉଁଦିନ ନିଜର ସଂଖ୍ୟାନୁପାତରେ ଚାକିରି, ଶିକ୍ଷା, ରାଜନୀତି ଓ ବ୍ୟବସାୟ କ୍ଷେତ୍ରରେ ସମାନ ଭାଗୀଦାରୀ ହେବେ ସେହିଦିନ ଦେଶରେ ସାମାଜିକ ନ୍ୟାୟ ସ୍ଥାପିତ ହୋଇଛି ବୋଲି ଧରାଯିବ ।

ସାମାଜିକ ଚରିତ୍ରକୁ ନେଇ ସମ୍ବିଧାନ ରଚନା କରାଯାଇଛି । ସମାଜରେ ଥିବା ଜାତିଗତ ତାରତମ୍ୟକୁ ଲକ୍ଷ୍ୟ କରାଯାଇଛି । ଏହି ତାରତମ୍ୟକୁ ହଟାଇବା ପାଇଁ ସାମାଜିକ ସାମ୍ୟତା ଉପରେ ଗୁରୁତ୍ୱ ଦିଆଯାଇଛି । ରାଜନୀତିର ଭାଷାରେ ଏହାକୁ ସାମାଜିକ ନ୍ୟାୟ କୁହାଯାଇଛି । ଦେଶରେ ସାମାଜିକ ସାମ୍ୟତା ସେତିକି ବେଳେ ପ୍ରତିଷ୍ଠିତ ହେବ ଯେତେବେଳେ ସମସ୍ତ ଜାତିଗୋଷ୍ଠୀ ନିଜ ସଂଖ୍ୟାର ଅନୁପାତରେ ସମସ୍ତ କ୍ଷେତ୍ରରେ ସମାନ ଭାଗ ପାଇପାରିବେ । ଏସସି ମାନେ ତାଙ୍କର ସଂଖ୍ୟା ଅନୁପାତରେ ସମସ୍ତ କ୍ଷେତ୍ରରେ କେନ୍ଦ୍ର ପାଇଁ ୧୫% ଓ ଓଡ଼ିଶା ରାଜ୍ୟ ପାଇଁ ୧୬.୫% ଭାଗ ପାଇପାରିବେ । ଏସଟି ମାନେ କେନ୍ଦ୍ର ପାଇଁ ୭.୫% ଓ ଆମ ରାଜ୍ୟ ପାଇଁ ୨୨.୫% ଭାଗ ସମସ୍ତ କ୍ଷେତ୍ରରେ ପାଇପାରିବେ । ଓବିସି ମାନେ ନିଜର ସଂଖ୍ୟା ଅନୁପାତରେ ସମସ୍ତ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ୫୨% ଭାଗ ପାଇପାରିବେ । ମନେ ରଖିବାକୁ ହେବ ଯେ ସାମ୍ବିଧାନ ସାମାଜିକ ସ୍ଥିତି ଅନୁଯାୟୀ ଜାତିବ୍ୟବସ୍ଥାକୁ ସ୍ୱୀକୃତି ଦେଇଛି । ଏହା ସହିତ ସମାନ ଭାଗୀଦାରୀ ହେବା କଥା ମଧ୍ୟ କହିଛି ଏହା ନହେଲେ ଜାତି ବ୍ୟବସ୍ଥାକୁ ହଟାଇବା ସମ୍ଭବପର ନୁହେଁ ।

ସାମ୍ପ୍ରତିକ ଅବସ୍ଥାରେ ଭାରତ ବର୍ଷର ବିଭିନ୍ନ ଅଞ୍ଚଳରୁ ଏହି ସ୍ଲୋଗାନ ଉଠୁଛି । ବିଶେଷକରି ଓବିସି ଓ ଅନୁସୂଚୀତ ବର୍ଗ ପ୍ରଭାବିତ ରାଜନୈତିକ ଦଳମାନେ ଏପରି ସ୍ଲୋଗାନ ଦେଉଛନ୍ତି । ଏମାନଙ୍କ ସହିତ ସମତାକାମୀ ପ୍ରଗତିଶୀଳ ସାମାଜିକ କର୍ମୀମାନେ ମଧ୍ୟ ସାମିଲ ଅଛନ୍ତି । ରାଜନୀତିରେ ଅନଗ୍ରସର ଜନସମୁଦାୟର ନେତାମାନେ ଭାବୁଛନ୍ତି ଏହା ଏକ ପ୍ରଭାବଶାଳୀ ରାଜନୈତିକ ଇସ୍ୟୁ ଏହି ବର୍ଗର ଲୋକମାନଙ୍କୁ ଏକଜୁଟ୍ କରିପାରିଲେ ସହଜରେ କ୍ଷମତା ଦଖଲ କରାଯାଇପାରିବ । ଉଲ୍ଲେଡ଼ ବର୍ଗମାନେ ମଧ୍ୟ ଅନୁଭବ କରୁଛନ୍ତି ଯେ ସେମାନେ ସମାନ ଭାଗିଦାରୀରୁ ବଞ୍ଚିତ । ତାଙ୍କୁ ତାଙ୍କ ପ୍ରାପ୍ୟରୁ ବଞ୍ଚିତ କରାଯାଉଛି । ତେଣୁ ସେମାନଙ୍କୁ ମଧ୍ୟ ଏହି ସ୍ଲୋଗାନ ପ୍ରଭାବିତ କରୁଛି । ବଞ୍ଚିତ ଗୋଷ୍ଠୀ ଏଥିରେ ସାମିଲ ନହେବେ କାହିଁକି ? ବର୍ଣ୍ଣବ୍ୟବସ୍ଥା ବା ଜାତିକୁ ନେଇ ଗୋଟିଏ ବିଭାଜିତ ସମାଜକୁ ଯୋଡ଼ିବା ପାଇଁ ଓ ସମତାଭିତ୍ତିକ ସମାଜରେ ପରିଣତ କରିବା ପାଇଁ ଏହା ସଠିକ୍ ଉପାଦେୟ ମାଧ୍ୟମ । କାରଣ ଯେତେଦିନ ପର୍ଯ୍ୟନ୍ତ ଅନଗ୍ରସର ଜାତି ସମୂହ ସମସ୍ତ ବିଭାଗରେ ସମାନ ଭାଗୀଦାରୀ ହୋଇନାହାଁନ୍ତି, ସେତେଦିନ ପର୍ଯ୍ୟନ୍ତ ଜାତିବିହୀନ ସମାଜ ଗଠିତ ହୋଇପାରିବନାହିଁ । ତେଣୁ ସାମାଜିକ ନ୍ୟାୟ କର୍ମୀମାନେ ଏ ମୂଳମନ୍ତ୍ରକୁ ଠିକ୍ ଭାବେ ବୁଝିଛନ୍ତି ଓ ସେହି ଅନୁସାରେ ଗୋଟିଚାଳନା କରୁଛନ୍ତି ।

ବର୍ତ୍ତମାନର ପରିପ୍ରେକ୍ଷୀରେ ରାଜନୀତିକୁ ଏହାରି ମାଧ୍ୟମରେ ବଦଳା ଯାଇପାରିବ ବୋଲି ବୋଧହୁଏ ରାଜନୀତିଜ୍ଞମାନେ ଭାବୁଛନ୍ତି । ସେଥିପାଇଁ ଏମାନଙ୍କ ପାଖରେ ଏକମାତ୍ର ବିକଳ୍ପ ସାମାଜିକ ନ୍ୟାୟ ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ସ୍ତରକୁ ନେଇ ରାଜ୍ୟର ରାଜନୀତିକୁ ବଦଳାଇବାକୁ ଚେଷ୍ଟା କରିବା ।

# ଆମେ କେତେ ସଚେତନ ?



ପ୍ରଣତି ଆଚାର୍ଯ୍ୟ ମିଶ୍ର
ମୋ- ୯୪୩୭୬୪୨୯୪୭

ସଡ଼କ ଦୁର୍ଘଟଣାର ସରକାରୀ ରିପୋର୍ଟ ପଢ଼ିବା ପରେ ଯେ କୌଣସି ବ୍ୟକ୍ତି ଭୟଭୀତ ହୋଇଯାଆନ୍ତି । ଜୀବନ କାହା ପାଇଁ ବା ମୂଲ୍ୟବାନ ନୁହେଁ ? ହେଲେ ବର୍ତ୍ତମାନ ଜୀବନରେ ଆମେ ସମୟ ସାଙ୍ଗରେ ବିଜୁଳି ବେଗରେ ଧାଇଁଛନ୍ତି । ସକାଳ ଠାରୁ ଆରମ୍ଭ କରି ରାତ୍ରି ଶୋଇବା ପର୍ଯ୍ୟନ୍ତ ଦୌଡୁଥିବା ଅନୁସାରେ ଆମର ଦିନଚର୍ଯ୍ୟା ଆଉ ଏହି ଗତିର ମାତ୍ରା କେବେ କେବେ ଏତେ ବଢିଯାଏ ଯେ ନିମିଷକେ ଘଟିଯାଏ ଦୁର୍ଘଟଣା । ଆଉ ଦୁର୍ଘଟଣାରେ ଚାଲିଯାଏ ଶହ ଶହ ଜୀବନ । ସୃଷ୍ଟିର ଦାନ ସମସ୍ତ ଜୀବନ ଆପଣା ଆପଣା କର୍ମରେ ବନ୍ଧା । ଏଇ ପୃଥିବୀ ରଙ୍ଗମଞ୍ଚରେ ଅଭିନୟ ସାରିବା ପରେ ନିଜ ନିଜ ରାସ୍ତାରେ ବାହୁଡ଼ିବା ବିଧେୟ । କିନ୍ତୁ ଦୌଡୁଥିବା ସମୟରେ କିଏ ବି ଜାଣନ୍ତିନି ସେ ବାହୁଡ଼ିବାର ବେଳା ଯେ କେତେବେଳେ କାହା ପାଖରେ କେମିତି ଭାବରେ ପହଞ୍ଚିଯାଏ । ଏଚଆଇ ରାସ୍ତା ଦୁର୍ଘଟଣାର ରିପୋର୍ଟ ଅନୁଯାୟୀ ୨୦୨୦ ମସିହାରେ ମୋଟ ୩ ଲକ୍ଷ ୬୬ ହଜାର ୧୩୮ ସଡକ ଦୁର୍ଘଟଣା ହୋଇଥିଲା । ୨୦୧୯ ମସିହାରେ ଏହା ଥିଲା ୪ ଲକ୍ଷ ୪୯ ହଜାର ଯଦିବା ୨୦୧୯ ଅପେକ୍ଷା ୨୦୨୦ ମସିହାରେ ଦୁର୍ଘଟଣାର ହାର କମିଥିଲା, ହେଲେ ଏହା ଆଖିଦୃଷ୍ଟିଆ ନଥିଲା । ସେହିପରି ଏହି ରିପୋର୍ଟ ଅନୁଯାୟୀ, ରାଜ୍ୟ ରାଜପଥରେ ୩୩ ହଜାର ୧୪୮, ଜାତୀୟ ରାଜପଥରେ ୪୭ ହଜାର ୯୮୪ ଏବଂ ଅନ୍ୟାନ୍ୟ ସଡକରେ ୫୦ ହଜାର ୫୮୨ ଜଣଙ୍କ ଜୀବନ ଯାଇଥିବା ସୂଚନା ରହିଛି । ନିକଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୨୦୨୨ରେ ୪.୬୧ ଲକ୍ଷ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୧.୬୮ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ।

ଆମ ଦେଶରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ଦେଖି ଆମେ କେତେ ସଚେତନ ? ଜଣାପଡେ ବର୍ତ୍ତମାନ ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଛି । ଏହି ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡିଛି ଯେ ପ୍ରତି ଘଣ୍ଟାରେ ୫୩ଟି ସଡ଼କ ଦୁର୍ଘଟଣା ଘଟୁଛି । ଥରେ ଭାବନ୍ତୁ ଗୋଟିଏ ବର୍ଷରେ କେତେ ଜୀବନ ନେଉଛି ଦୁର୍ଘଟଣା । ଏଥିପାଇଁ କେତେ ଯେ ନିୟମ ସୃଷ୍ଟି ହେଉଛି କେତେ ଯେ ଯୋଜନାର ରୂପାନ୍ତରଣ ହେଉଛି ଏସବୁ ସତ୍ତ୍ୱେ କାହିଁକି ଥମୁନି ସଡ଼କ ଦୁର୍ଘଟଣା ? ଯଦି କାରଣ ଖୋଜିବା ତେବେ ଏହାର ନାନାଦି କାରଣ ହୋଇପାରେ । ଆମେ ଯେଉଁ ରିପୋର୍ଟ ବିଷୟରେ କହୁଛୁ ତାହା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି । ବିଶ୍ୱାସ କରାଯାଏ ଯେ ଘରୋଇ କାର୍ ଏବଂ ଅନ୍ୟାନ୍ୟ ଯାନ ଚଳାଉଥିବା ଚାଳକମାନଙ୍କୁ ଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି । ଜଣେ ଡ୍ରାଇଭର ଦିନକୁ ହାରାହାରି ୧୪-୧୫ ଘଣ୍ଟା ଡ୍ୟୁଟି କରନ୍ତି । ତାଙ୍କୁ ଶୋଇବାର ସୁଯୋଗ ମିଳେନାହିଁ । ରୋଜଗାର ନିଶା ହେଉ ବା ଅନ୍ୟ କିଛି ସେମାନେ ପର୍ଯ୍ୟାପ୍ତ ବିଶ୍ରାମ ନିଅନ୍ତିନାହିଁ । ଆମେ ଜାଣନ୍ତି ଯେ ଟାଟା ଗ୍ରୁପର ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରୀଙ୍କର ଏକ ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଛି । ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ ସିଂ ବର୍ମା, ପ୍ରସିଦ୍ଧ କଳାକାର ଜସପାଲ ଭଟ୍ଟୀ, କଂଗ୍ରେସ ନେତା ରାଜେଶ ପାଇଲଟ ଏବଂ କେନ୍ଦ୍ରମନ୍ତ୍ରୀ ଗୋପୀନାଥ ମୁଣ୍ଡେ ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି । ସାଇରସଙ୍କ ମୃତ୍ୟୁ ଭାରତର ସାଧାରଣ ଲୋକ ଏବଂ କର୍ପୋରେଟ ଜଗତକୁ ସ୍ତବ୍ଧ କରିଦେଇଥିଲା । ମିସ୍ତ୍ରୀ ଜଣେ ଭଦ୍ର, ପ୍ରତିଭାବାନ ବ୍ୟକ୍ତି ଥିଲେ । ତେବେ ରିପୋର୍ଟ ଅନୁଯାୟୀ ଦେଶର ମୋଟ ଦୁର୍ଘଟଣାର ୩୨.୯ ପ୍ରତିଶତ । ଏକ୍ସପ୍ରେସ୍ ୱେ ଏବଂ ଜାତୀୟ ରାଜପଥ (ଏନଏଚ)ରେ ଘଟିଛି । ସେହିପରି ୧,୦୬,୬୮୨ ବା ୨୩.୧ ପ୍ରତିଶତ ଦୁର୍ଘଟଣା ରାଜ୍ୟ ରାଜପଥରେ ଘଟିଥିବା ବେଳେ ୪୩.୯ ପ୍ରତିଶତ ଅନ୍ୟ ରାସ୍ତାରେ ଦୁର୍ଘଟଣା ଘଟିଛି । ବାର୍ଷିକ ଭିତ୍ତିରେ ସଡ଼କ ଦୁର୍ଘଟଣା ସଂଖ୍ୟା ୧୧.୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ହାର ୯.୪ ପ୍ରତିଶତ ବୃଦ୍ଧି ପାଇଛି । ଦୁର୍ଘଟଣାରେ ଆହତଙ୍କ ସଂଖ୍ୟା ୧୫.୩ ପ୍ରତିଶତ ବୃଦ୍ଧି ପାଇଛି । ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସୁରକ୍ଷା ଉପକରଣ ବ୍ୟବହାର କରୁନଥିବା ଲୋକ ସିଟ୍ ବେଲ୍ଟ ନ ପିନ୍ଧିବା କାରଣରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୬,୭୧୫ ଜଣଙ୍କ ମଧ୍ୟରୁ ୮,୩୮୪ ଜଣ ଡ୍ରାଇଭର ଥିବାବେଳେ ବାକି ୮,୩୩୧ ଜଣ ଯାତ୍ରୀ ହେଲମେଟ ନ ପିନ୍ଧିବା କାରଣରୁ ସଡ଼କ ଦୁର୍ଘଟଣାରେ ୫୦,୦୨୯ ଜଣ ଦୁଇ ଚକିଆ ଯାନ ଚାଳକପ୍ରାଣ ହରାଇଛନ୍ତି । ଏହା ସତ ଯେ ଆମ ପାଖରେ ବିଶ୍ୱସ୍ତରୀୟ ସଡ଼କର ନେଟ୍‌ୱାର୍କ ରହିଛି । ଏହା କ୍ରମାଗତ ଭାବରେ ବୃଦ୍ଧି ପାଉଛି ଏବଂ ଉନ୍ନତି ମଧ୍ୟ ହେଉଛି, କିନ୍ତୁ ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ ନ ହେବା ଦୁଃଖଦାୟକ । ଏହି ସମସ୍ୟାର ସମାଧାନ ଖୋଜିବାକୁ ପଡ଼ିବ । ଏବେ ଶୁଣିବାକୁ ହୃଦୟ ବିଦାରକ ଯେ ୨୦୨୨ରେ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଯୁବକମାନେ ସର୍ବାଧିକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ । ଏହି ସମୟ ମଧ୍ୟରେ ୧୮ରୁ ୪୫ ବର୍ଷ ବୟସବର୍ଗର ୬୬.୫ ପ୍ରତିଶତ ଲୋକ ଦୁର୍ଘଟଣାର ଶିକାର ହୋଇଛନ୍ତି ।

ପ୍ରତିବର୍ଷ ୪ ଲକ୍ଷରୁ ଅଧିକ ଦୁର୍ଘଟଣା ଘଟେ ଏବଂ ପ୍ରତିବର୍ଷ ୧.୫ ଲକ୍ଷରୁ ଅଧିକ ଲୋକ ମୃତ୍ୟୁ ବରଣ କରନ୍ତି । ଯଦି ଏକ ବର୍ଷର ସଡ଼କ ଦୁର୍ଘଟଣା ଅର୍ଥନୈତିକ ଭାବେ ମୂଲ୍ୟାଙ୍କନ କରାଯାଏ, ତେବେ ଏହା ଆମ ଜିଡିପିର ପ୍ରାୟ ୧ ପ୍ରତିଶତ ସହିତ ସମାନ ହେବ । ଆମ ରାଜ୍ୟର ପାଞ୍ଚ ବର୍ଷର ରେକର୍ଡ ଭାଙ୍ଗିଛି ଗତବର୍ଷର ଦୁର୍ଘଟଣା । ୨୦୨୨ରେ ଯାଇଛି ୫ ହଜାର ୪୬୭ ଜଣଙ୍କ ଜୀବନ । ସେହିପରି ଦୁର୍ଘଟଣାରେ ଆହତ ହୋଇଛନ୍ତି ୧୦,୩୦୨ ଜଣ । ଗତ ପାଞ୍ଚ ବର୍ଷରେ ମୋଟ ୫୪,୭୯୦ଟି ସଡ଼କ ଦୁର୍ଘଟଣା ହୋଇଛି ଯେଉଁଥିରେ ୨୫,୯୩୪ ଜଣଙ୍କ ଜୀବନ ଯାଇଛି ଆଉ ଆହତ ହୋଇଛନ୍ତି ୫୧,୮୭୩ ଜଣ ।

ଏବେ ବଡ ଓ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଏହି ସଡ଼କ ଦୁର୍ଘଟଣା କିପରି ବନ୍ଦ ହେବ ? ରାସ୍ତାଗୁଡ଼ିକ ରକ୍ତରେ ଭିଜିବାରୁ କିପରି ରକ୍ଷା ପାଇପାରିବେ ? ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଜରୁରୀ ।

# ବିଶ୍ୱ ଭାତୃତ୍ୱର ଅନନ୍ୟ ନିଦର୍ଶନ:ସ୍ୱାମୀ ବିବେକାନନ୍ଦ



ରାଜସ୍ମିତା ବାରିକ
ନୀଳଗିରି, ବାଲେଶ୍ୱର

ପୃଥିବୀ ପୃଷ୍ଠରେ କ୍ୱଚିତ ଦାର୍ଶନିକ ଜନ୍ମ ନିଅନ୍ତି ଯେଉଁମାନେ ନିଜର ସଂପୂର୍ଣ୍ଣ ଜୀବନ ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମର୍ପିତ କରିଦେଇଥାନ୍ତି ଏବଂ ଶତାବ୍ଦୀ ଶତାବ୍ଦୀ ଧରି ଅନେକଙ୍କ ପାଇଁ ପ୍ରେରଣା ମଧ୍ୟ ପାଲଟି ଯାଇଥାନ୍ତି । ସେମାନଙ୍କ ମଧ୍ୟରୁ ସ୍ୱାମୀ ବିବେକାନନ୍ଦ ଜଣେ ଯୁଗଜନ୍ମା ପୁରୁଷ ତାଙ୍କର ବ୍ୟକ୍ତିତ୍ୱର ପରାକାଷ୍ଠା ସମଗ୍ର ବିଶ୍ୱବିଦିତ ସନାତନ ଧର୍ମକୁ ବିଶ୍ୱଦରବାର ରେ ପରିଚିତ କରାଇବାରେ ତାଙ୍କର ଅବଦାନ ଅତୁଳନୀୟ ଶିକ୍ଷା ଆକାଶରେ ଜଣେ ଉଜ୍ଜ୍ୱଳମାନ ତାରକା ବିବେକାନନ୍ଦ ଜଣେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବ୍ୟକ୍ତିତ୍ୱ ଭଗବତ ବିଶ୍ୱାସୀ, ସତ୍ୟ, ନ୍ୟାୟ, ଧର୍ମ ତଥା ସେବାର ମୂର୍ତ୍ତିମନ୍ତ ପ୍ରତୀକ ତାଙ୍କର ତ୍ୟାଗ, ଉତ୍ସର୍ଗୀକୃତ ମନୋଭାବ ଓ ମହତ ଚିନ୍ତା ଧାରା ପାଇଁ ସମଗ୍ର ମାନବ ଜାତି ପାଇଁ ପ୍ରାତଃ ସ୍ମରଣୀୟ ବିବେକାନନ୍ଦ ବିଶ୍ୱାସ କରୁଥିଲେ ଶିକ୍ଷା ଏବଂ ଶାନ୍ତି ଦ୍ୱାରା ସମଗ୍ର ବିଶ୍ୱକୁ ଜୟ କରିହେବ । ସେଥିପାଇଁ ସେ ଜ୍ଞାନ ଆହରଣ କରିବା ଉପରେ ଗୁରୁତ୍ୱ ଦେଉଥିଲେ, ଯେଉଁଥିପାଇଁ ଏକାଗ୍ରତା ଆବଶ୍ୟକ ଏକାଗ୍ରତା ନିମନ୍ତେ ଧ୍ୟାନ ଆବଶ୍ୟକ, ଯାହାକି ଇନ୍ଦ୍ରିୟ ଉପରେ ବିଜୟ ଲାଭ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ମାର୍ଗ ପ୍ରସ୍ତୁତ ଓ ପ୍ରଶସ୍ତ କରିଥାଏ ।

୧୮୬୩ ମସିହା ଜାନୁଆରୀ ୧୨ ତାରିଖ କଲିକତାର ସିମିଳାପଲ୍ଲୀରେ ଆଇନବିତ୍ତ ବିଶ୍ୱନାଥ ଦତ୍ତ ଓ ଭୁବନେଶ୍ୱରୀ ଦେବୀଙ୍କର କୋଳ ମଣ୍ଡନ କରି ଜନ୍ମଗ୍ରହଣ କରିଥିବା ବିବେକାନନ୍ଦଙ୍କ ବାଲ୍ୟକାଳ ନାମ ଥିଲା ନରେନ୍ଦ୍ର, ମାଆ ଶ୍ରଦ୍ଧାରେ ଡାକୁଥିଲେ ବିଲେ । ମାଆଙ୍କ ଆଧ୍ୟାତ୍ମିକ ପ୍ରଭାବ ଛୋଟବେଳୁ ତାଙ୍କ ମନରେ ଗଭୀର ରେଖାପାତ କରିଥିଲା ଗରିବ ଦୁଃଖୀ ଓ ଦରିଦ୍ରଙ୍କ ଉପରେ ବହୁତ ଦୟା ଥିଲା ଭିକ୍ଷା ପାଇଁ କେହି ଆସିଲେ ସେ ଚାଉଳ ଡାଲି, ପଇସା, କଉଡ଼ି ଯାହା ପାଉଥିଲେ ତାହା ଆଣି ଦେଉଥିଲେ ଅନ୍ୟର ଦୁଃଖ ଦେ କାନ୍ଦି ପକାଉ ଥିଲେ

ବିବେକାନନ୍ଦ ଛାତ୍ର ଭାବରେ ଅତି ବିଚକ୍ଷଣ ଥିଲେ । ଛଅ ବର୍ଷ ବୟସରେ ସ୍କୁଲରେ ନାମ ଲେଖା ହେଲା । ବିବେକାନନ୍ଦ ପିଲାବେଳରୁ ଇଂରାଜୀ ପଢ଼ିବାକୁ ରାଜି ହେଉ ନଥିଲେ । ନିଜ ମାତୃଭାଷାରେ ପଢିବା ପାଇଁ ଭଲ ପାଉଥିଲେ । ପ୍ରଖର ମେଧା, ଅଦ୍ଭୁତ ଧୀଶକ୍ତି ନେଇ ସେ ଜନ୍ମଗ୍ରହଣ କରିଥିଲେ । ଥରେ ଯାହା ପଢୁଥିଲେ ତାହା ସବୁ ଦିନ ପାଇଁ ମନେ ରଖିପାରୁଥିଲେ ସ୍କୁଲର ପାଠ୍ୟ ପୁସ୍ତକ ବ୍ୟତୀତ ଅନ୍ୟ ବହି ସବୁ ପଢ଼ି ପକାଉଥିଲେ । ବାକି ସମୟ ଖେଳାଖେଳି, କୁସ୍ତି, ଆଖଡ଼ା, ପହଁରିବା ବା ଅଭିନୟ କରିବାରେ କଟିଯାଉଥିଲା । ୧୭ ବର୍ଷ ବୟସରେ ତାଙ୍କର କଲେଜ ଜୀବନ ଆରମ୍ଭ ହୋଇଥିଲା । କଲେଜ୍‌ରେ ପ୍ରବେଶ କରି ବିବେକାନନ୍ଦଙ୍କ ଜ୍ଞାନସ୍ପୃହା ବଢ଼ିଗଲା । ସେ ପାଶ୍ଚାତ୍ୟ ଦର୍ଶନ, ନ୍ୟାୟଶାସ୍ତ୍ର, ବୈଜ୍ଞାନିକ ଆବିଷ୍କାର ଓ ଦେଶବିଦେଶର ଇତିହାସ ପ୍ରଭୃତି ବିଶେଷ ଆଗ୍ରହ ସହକାରେ ସବୁ ପଢ଼ି ପକାଉଥିଲେ । ବୟସ ବଢିବା ସହିତ ଅଧିକ ଚିନ୍ତାଶୀଳ ହୋଇଉଠିଲେ ବିଭିନ୍ନ ବିଷୟକୁ ନେଇ ତାଙ୍କ ମନରେ ପ୍ରଶ୍ନ ଜାତ ହେଲା ଈଶ୍ୱର ଅଛନ୍ତି କି ? କେଉଁଠି ସେ ? ତାଙ୍କୁ କଣ ଦେଖି ହୁଏ ? ଜଗତରେ ଏତେ ଦୁଃଖ ଏତେ ଅନ୍ୟାୟ, ଅବିଚାର କାହିଁକି ? ଏସବୁ ପ୍ରଶ୍ନର ଉତ୍ତର ଖୋଜୁଥିବା ବେଳେ ମାଆ କାଳୀଙ୍କ ପରମ ଭକ୍ତ ଶ୍ରୀରାମକୃଷ୍ଣ ପରମହଂସଙ୍କ ସହ ତାଙ୍କର ଭେଟ ହୋଇଥିଲା ଏବଂ ତାଙ୍କ ମନରେ ଉଙ୍କି ମାରୁଥିବା ସବୁ ପ୍ରଶ୍ନର ମଧ୍ୟ ସମାଧାନ କରିଦେଇଥିଲେ । ତେଣୁ ରାମକୃଷ୍ଣଙ୍କ ମାର୍ଗ ଦର୍ଶନରେ ପରବର୍ତ୍ତୀ ସମୟରେ ବିଶ୍ୱ ବିଜୟୀ ହୋଇଥିଲେ ବିବେକାନନ୍ଦ ।

ସମୟ ଚକ୍ରରେ ନରେନ୍ଦ୍ର ୧୮୮୫ ମସିହାରେ ବି.ଏ ପାସ କଲେ କିନ୍ତୁ ତାଙ୍କ ପିତାଙ୍କର ହଠାତ୍ ପରଲୋକ ଘଟିଥିଲା ସେ ସମୟରେ ଘରେ ଆର୍ଥିକ ଅବସ୍ଥା ଭଲ ନଥିଲା ଘରେ ମା', ସାନ ଭାଇ, ଭଉଣୀଙ୍କର ଦାୟିତ୍ୱ ପଡ଼ିଲା ତାଙ୍କ ଉପରେ । ନରେନ୍ଦ୍ର ବାହାରିଲେ ଚାକିରୀ ଅନୁସନ୍ଧାନରେ । ସ୍କୁଲରେ ଶିକ୍ଷକତା କରି ପରିବାରକୁ ଚଳାଇବାକୁ ଲାଗିଲେ କିନ୍ତୁ ଅଭାବ ଅସୁବିଧା ସତେକି ତାଙ୍କର ପିଛା ଛାଡି ନଥିଲା । ସେ ପୁନଃ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ପୂଜକ ଶ୍ରୀରାମକୃଷ୍ଣ ଦେବଙ୍କ ପାଖକୁ ଗଲେ ସେଠାରେ ଜନସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କଲେ ।

ବିବେକାନନ୍ଦ ବେଦାନ୍ତର ଜଣେ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଧର୍ମ ଗୁରୁ ଥିଲେ । ୧୮୯୩ ମସିହାରେ ଆମେରିକାର ଚିକାଗୋ ବିଶ୍ୱଧର୍ମ ସମ୍ମିଳନୀରେ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରିଥିଲେ । ସେଠାରେ ସେ ହିନ୍ଦୁ ଧର୍ମ ଉପରେ ମର୍ମସ୍ପର୍ଶୀ ଭାଷଣଦେଇ ଇତିହାସ ରଚନା କରିଥିଲେ । ମାତ୍ର କିଛି ସମୟ ପାଇଁ ତାଙ୍କୁ କହିବାକୁ ଦିଆଯାଇଥିଲେ ମଧ୍ୟ ନିଜର ସମ୍ବୋଧନରେ ଉପସ୍ଥିତ ଆମେରିକା ବାସୀମାନଙ୍କୁ ହେ ମୋର ପ୍ରିୟ ଭାଇ ଭଉଣୀ ବୋଲି କହିବା ପରେ କରତାଳିରେ ପ୍ରେକ୍ଷାଳୟ ପ୍ରକମ୍ପିତ ହୋଇଥିଲା କାରଣ ସ୍ୱାମୀଜୀ ଥିଲେ ବିଶ୍ୱ ଭାତୃତ୍ୱର ବାର୍ତ୍ତାବହନ କାରୀ । ସେଠାରେ ତାଙ୍କର ଭାଷଣରେ ସନାତନ ଧର୍ମ ଓ ଦର୍ଶନ, ଏହାର ବିଶେଷତ୍ୱକୁ ଓଜସ୍ୱିନୀ ଶବ୍ଦ ମାଧ୍ୟମରେ ପ୍ରକାଶ କରିଥିଲେ, ଯାହାକି ଉପସ୍ଥିତ ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଯୁଗ ଯୁଗ ଧରି ମାର୍ଗ ଦର୍ଶନ କରୁଥିବା ତାଙ୍କର ଏହି ଭାଷଣ ଓ ତାଙ୍କର ଫଟୋ ସେଦିନ ଆମେରିକା ସମ୍ବାଦପତ୍ର ମାନଙ୍କ ଶିରୋନାମା ପାଲଟିଯାଇଥିଲା । ସେ ବୁଝାଇଥିଲେ ସବୁ ମଣିଷ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ, ମାନବ ସେବା ହିଁ ଈଶ୍ୱର ସେବା । ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କେବଳ ଭାରତ ନୁହ ସମଗ୍ର ବିଶ୍ୱର ଅନେକ ନର ନାରୀ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।

ସ୍ୱାମୀଜୀ ୧୮୯୭ ମସିହାରେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ । ଏଇ ସେବା ଅନୁଷ୍ଠାନ ନାରୀ ଶିକ୍ଷାର ପ୍ରସାର, ଦରିଦ୍ର ଲୋକଙ୍କ ସେବା, ଅସ୍ପୃଶ୍ୟତା ନିବାରଣ ଇତ୍ୟାଦି କାର୍ଯ୍ୟ ଆଜିବି କରୁଛି । ୧୯୦୨ ମସିହା ଜୁଲାଇ ୬ ତାରିଖ ଧ୍ୟାନ ମଗ୍ନ ଅବସ୍ଥାରେ ହିଁ ଦେହ ତ୍ୟାଗ କଲେ । ସେ ଖୁବ୍ କମ୍ ସମୟରେ ପ୍ରତିଟି ଭାରତୀୟ ଓ ବିଶ୍ୱବାସୀଙ୍କ ପାଇଁ ଧ୍ରୁବ ତାରା ହୋଇଗଲେ ।

ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ରାଜଗୋପାଳଚାରୀ, ବାଲଗଙ୍ଗାଧର ତିଳକ, ରବୀନ୍ଦ୍ରନାଥ ଠାକୁର ପ୍ରଭାବିତ ହୋଇଥିଲେ । ସ୍ୱାମୀ ବିବେକାନନ୍ଦ ହିଁ ଭାରତୀୟ ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ । ସେଥିପାଇଁ ଭାରତ ସରକାର ସ୍ୱାମୀ ବିବୋନନ୍ଦଙ୍କ ଜନ୍ମଦିନ ଜାନୁଆରୀ ୧୨ ତାରିଖକୁ 'ଜାତୀୟ ଯୁବ ଦିବସ' ଭାବରେ ପାଳନ କରୁଛନ୍ତି ।

**ବିବେକାନନ୍ଦ ବେଦାନ୍ତର ଜଣେ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଧର୍ମ ଗୁରୁ ଥିଲେ । ୧୮୯୩ ମସିହାରେ ଆମେରିକାର ଚିକାଗୋ ବିଶ୍ୱଧର୍ମ ସମ୍ମିଳନୀରେ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରିଥିଲେ । ସେଠାରେ ସେ ହିନ୍ଦୁ ଧର୍ମ ଉପରେ ମର୍ମସ୍ପର୍ଶୀ ଭାଷଣଦେଇ ଇତିହାସ ରଚନା କରିଥିଲେ । ମାତ୍ର କିଛି ସମୟ ପାଇଁ ତାଙ୍କୁ କହିବାକୁ ଦିଆଯାଇଥିଲେ ମଧ୍ୟ ନିଜର ସମ୍ବୋଧନରେ ଉପସ୍ଥିତ ଆମେରିକା ବାସୀମାନଙ୍କୁ ହେ ମୋର ପ୍ରିୟ ଭାଇ ଭଉଣୀ ବୋଲି କହିବା ପରେ କରତାଳିରେ ପ୍ରେକ୍ଷାଳୟ ପ୍ରକମ୍ପିତ ହୋଇଥିଲା କାରଣ ସ୍ୱାମୀଜୀ ଥିଲେ ବିଶ୍ୱ ଭାତୃତ୍ୱର ବାର୍ତ୍ତାବହନ କାରୀ ।**

# ଶୀତଦିନେ ପିକ୍‌ନିକ୍



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

**ଗୁରୁଜନ ବା ଅଭିଭାବକଙ୍କୁ ବାକିମାନେ ସମ୍ମାନ ଦେଖାଇ ତାଙ୍କ କଥା ମାନି ପିକ୍‌ନିକ୍‌ରେ ଭଲରେ ଯାଇ ଭଲରେ ଫେରିଲେ ପିକ୍‌ନିକ୍‌ର ମଜା ଅନୁଭବ କରିହୁଏ । କୌଣସି ଦୁର୍ଘଟଣା ଘଟିଲେ ବି ତାହା ମନେ ରହେ । ହେଲେ ସୁଖଦିଆ ପିକ୍‌ନିକ୍ ସୁଖ ସ୍ମୃତିଭିଜା ରହେ । ଖାଇ ସାରିଲା ପରେ ସେ ସ୍ଥାନକୁ ପୂରା ସଫାସୁତର କରିବା ଭଲ । ଯେମିତି ପରବର୍ତ୍ତୀ ଦଳ ସେଠାକୁ ଆସି ପୂର୍ବ ଦଳକୁ ଗାଳି ନକରନ୍ତି । ସ୍ୱଚ୍ଛତା ଦିଗ ପ୍ରତି ସଚେତନ ରହି ଖଲି ଦନା ସବୁକୁ ଏକାଠି କରି ପୋଡ଼ିଦେବା ଭଲ । ନିଆଁରେ ଖଲି ଦନା ପୂରା ପୋଡ଼ିଗଲା ପରେ ନିଆଁକୁ ଲିଭାଇ ସେ ସ୍ଥାନ ଛାଡ଼ିବା ଉଚିତ୍ । ଇଆଡ଼େ ସିଆଡ଼େ ଅଇଁଠା ଖଲିଦନା ଫିଙ୍ଗିଲେ ସ୍ଥାନ ପୁଣି ଦୂଷିତ ହେଇଥାଏ । ଅଳିଆ ଆବର୍ଜନା ପଡ଼ିରହିଥିଲେ ବହିରାଗତ ପିକ୍‌ନିକ୍ ପାର୍ଟି ସେ ସ୍ଥାନ ସମ୍ପର୍କରେ ଭିନ୍ନ ଧାରଣା ନେଇ ସେଇଠୁ ଫେରିପାରନ୍ତି । ତେଣୁ ଫେରିବା ପୂର୍ବରୁ ପିକ୍‌ନିକ୍ ସ୍ପଟ୍‌ର ଭଲ ସଫେଇ କରି ସେଇଠୁ ଫେରିବା ସୁନ୍ଦର କାମ ହେବ ।**

ପିକ୍‌ନିକ୍ କଥା କୁହାଗଲେ ଶୀତଋତୁ କଥା ହିଁ ସାମ୍ନାକୁ ଆସିଯାଇଥାଏ । ପିକ୍‌ନିକ୍ ଆଉ କେଉଁ ଋତୁରେ ହୁଏନି ଶୀତରେ ହିଁ ପିକ୍‌ନିକ୍‌ରେ ଯାଆନ୍ତି ପିକ୍‌ନିକ୍‌ପ୍ରିୟ । ସାଧାରଣ ଭୋଜିଭାତର ଘରୋଇ ଆୟୋଜନ ହୋଇପାରେ ବାରମାସୀ ପୁଣି ଘର ଭିତରେ ଘର ପରିବେଶରେ । କେଉଁ ଦପ୍ତରରେ କରାଗଲେ ତାହା ହୁଏ ଦପ୍ତରର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଯେବେ ଚାହିଁବେ ଚାରି ପାଞ୍ଚ ଜଣ ମିଶିଗଲେ ହୋଇଯାଏ ଭୋଜିଟେ ।

ପିକ୍‌ନିକ୍ କଥା ଯଦି କୁହାଯାଏ, ଶୀତ ହିଁ ପ୍ରକୃଷ୍ଟ କାଳ ପିକ୍‌ନିକ୍‌ରେ ଯିବା ପାଇଁ । ପିକ୍‌ନିକ୍‌ରେ ଯିବାର ମଜା ବି ନିଆରା ସେଇ ଶୀତଦିନେ । ଶୀତ ସତରେ ଏକ ନିଆରା ଋତୁ । କୁହୁଡ଼ି ଓ କାକର ଶୀତର ଚିର ସହଚର । ଏମିତି ଶୀତଋତୁ ନଥିବ, ଯେଉଁ ଶୀତଋତୁରେ ପଡ଼ିନଥାଏ ଜମା କାକର କି ମାଡ଼ିନଥାଏ କୁହୁଡ଼ିର ଚାଦର । କୁହୁଡ଼ି ଘେରରେ ରହି କେବେ କେବେ ସକାଳର ମୁହଁ ବି ଦେଖାଯାଇନଥାଏ । କୁହୁଡ଼ି କାକର ଯୋଗୁଁ ଶୀତଦିନେ ପ୍ରକୃତି ତୋଳେ ତାର ଅପୂର୍ବ ଶୋଭାରାଜି । ସବୁଜିମା କୋଳରେ ଧରଣୀ ରାଣୀ ସୁନ୍ଦର ଲାଗେ । ଜଙ୍ଗଲର ଶାନ୍ତ କମନୀୟ ପରିବେଶ ଦର୍ଶକଙ୍କୁ ଖୁବ୍ ଆକୃଷ୍ଟ କରେ । ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇବାକୁ ମନ ହୁଏ ଉଚ୍ଚାଟିତ । ନଈନାଳର ନିମ୍ନଗାମୀ ଜଳ ସୁଅ କୁଳୁକୁଳୁ ନାଦରେ ତଳକୁ ତଳ ଡେଇଁ ଚାଲିବା କବି ଭାବୁକଙ୍କୁ କରେ ଆନମନା । ହାତଠାରି ପ୍ରକୃତି ଯେମିତି ଡାକେ ଆସ ମୋ' କତିକୁ ଆସ, ବିତାଅ କିଛି ମୁହୂର୍ତ୍ତ ମୋ' କୋଳରେ । ସେଇଥିପାଇଁ ବୋଧେ ପିକ୍‌ନିକ୍ ପାଇଁ ଜଙ୍ଗଲ ମୁହାଁ ରହନ୍ତି ଅନେକ ଖାସ ଏଇ ଶୀତଦିନେ ।

ପୁଣି ଶୀତଦିନର ଶୀତୁଆ ମଜାଳିଆ ପାଗ ପିକ୍‌ନିକ୍ ପାଇଁ ସୁନ୍ଦର ପରିବେଶଟେ ତିଆରି କରିଥାଏ ଯେମିତି । ଶୀତକୁ ବି ମିଳେ ପ୍ରଚୁର ତଟକା ପନିପରିବା । ଖଟା ପାଇଁ ଟମାଟୋ, ତରକାରୀ ପାଇଁ ଫୁଲ ଓ ବନ୍ଧା କୋବି, କଞ୍ଚା ମଟରଚଣା, ଛଣାଭଜା ପାଇଁ ଫୁଲ କୋବି ଓ ଶୀତଦିନିଆ ଆଳୁ, ଭର୍ତ୍ତା ପାଇଁ ଆଳୁ ଓ ବାଇଗଣ, ଶାଗ ଭଜା ପାଇଁ ବିଭିନ୍ନ ଶାଗ ବି ପ୍ରଚୁର ଉପଲବ୍ଧ ହୋଇଥାଏ ହାଟପାଆନ୍ତା ହାଟ ବଜାରରେ । ବିଭିନ୍ନ ପନିପରିବାର ଦର ଶୀତଦିନେ ନୀଚ ରହେ ମାନେ ଶସ୍ତା ଥାଏ । ସବୁପ୍ରକାର ପରିବା ପୁଣି ଶସ୍ତାରେ ମିଳୁଥିବାରୁ ସବୁବର୍ଗର ଲୋକେ ପିକ୍‌ନିକ୍‌ରେ ଯାଇପାରନ୍ତି । ଦୂରକୁ ନ ହେଲେବି ପାଖ ସ୍ଥାନକୁ ଯାଆନ୍ତି କେବଳ ଖୁସି ମନେଇବା ପାଇଁ । ଖୁସି ସୁଖ ସାଉଁଟିବା ପାଇଁ ପିକ୍‌ନିକ୍‌ର ଖାସ୍ ମଜା ଉଠାଇବା ପାଇଁ ଥିଲାବାଲା ତ ଖୁବ୍ ଦୂର ସ୍ଥାନକୁ ଯାଇପାରନ୍ତି ଗାଡ଼ିରେ । ନଥିଲାବାଲା ନିଜର ନଥିଲେ ବି ଭଡ଼ା ଗାଡ଼ି କରିଯାଆନ୍ତି । ପୁଣି ଗାଡ଼ି ଭଡ଼ା କରି ପିକ୍‌ନିକ୍‌ରେ ଯିବାର ମାନସିକତାରୁ ସେମାନଙ୍କ ପକ୍‌ନିକ୍ ଯିବାରେ ସଉକି କେତେ, ତାହା ଜାଣି ହୁଏ । ପିଲାଦିନେ ହାଇସ୍କୁଲରେ ପଢ଼ିଲା ବେଳେ ନିଜ ସହପାଠୀଙ୍କ ସହ ପିକ୍‌ନିକ୍‌ରେ ଯିବାର ସ୍ମୃତି ଅପାଶୋରା । ଆମେ ଯାଉଥିଲୁ ମହାନଦୀ ଅପର ପାର୍ଶ୍ୱସ୍ଥ ବୁରଘାଟ ଜଙ୍ଗଲକୁ ଯାଉଥିଲୁ ପୁଣି ଡଙ୍ଗାରେ ପାଖାପାଖି ଦି' କିଲୋମିଟର ନଈ ପାରି ହୋଇ ।

ନିର୍ଦ୍ଧାରିତ ଦିନ ପୂର୍ବ ପ୍ରସ୍ତୁତି ଅନୁସାରେ ସଭିଏଁ ପିକ୍‌ନିକ୍‌ରେ ଯାଆନ୍ତି । ଆଜିକାଲି ରୋଷେଇ ପାଇଁ ପାଣି, ଜାର୍‌ରେ ନେଇକି ଯାଉଛନ୍ତି ପିଇବା ପାଣି ନେଉଛନ୍ତି । ପିକ୍‌ନିକ୍ ସ୍ପଟ୍‌ରେ ପହଞ୍ଚି ରୋଷେଇ ଆରମ୍ଭ ପୂର୍ବରୁ ସେ ସ୍ଥାନକୁ ଆଗ ପହଁରା ମାରିଦିଅନ୍ତି, ଝାଡୁ କରିଦିଅନ୍ତି । ତାପରେ ଗୋଟେ ପାଖରେ ରୋଷେୟା ରୋଷେଇ ଆରମ୍ଭ କରନ୍ତି । ଅନ୍ୟମାନେ ଜଳଖିଆ ଖାଇ ନେଇ ବୁଲାବୁଲିରେ ଯାଆନ୍ତି । ବୁଲାବୁଲିରୁ ଫେରି ସେଇଠି ବସି ଦି' ଦଳ ହୋଇ ପଦ୍ୟାନ୍ତ କରି ତହିଁରୁ ମଜା ବି ନିଅନ୍ତି । କିଏ ବ୍ୟକ୍ତିଗତ ଗୀତ ଗାଇ ଅନ୍ୟକୁ ମନୋରଞ୍ଜନର ଖୋରାକ ଯୋଗାନ୍ତି । ଫ୍ୟାମିଲି ପିକ୍‌ନିକ୍ ଥିଲେ ନାଚଗୀତ କରନ୍ତି । ବଣଭୋଜି ଖାଇ ଶେଷକୁ ଘରକୁ ଫେରିଆସନ୍ତି ଅନେକ ଖୁସି ସାଉଁଟି । ପିକ୍‌ନିକ୍‌ରେ ଯାଇ ମଦ ପିଇ ଗଭୀର ଜଳ ଭିତରକୁ ଯିବା ଅନୁଚିତ୍ । କେଉଁ ପାହାଡ଼ ଶିଖରକୁ ଚଢ଼ି ବିପଦଜନକ ସେଲ୍ଫି ନେବା ଠିକ୍ ନୁହେଁ । ଦ୍ରୁତ ଗତିରେ ଗାଡ଼ି ଚଳାଇ ପିକ୍‌ନିକ୍ ଯିବା ଅଠିକ କଥା । ଗାଡ଼ିରେ ଅଧିକ ଲୋକ ଭରି ହେବା ବି ଠିକ୍ ନୁହେଁ । ମଦ ପିଇ ଗାଡ଼ି ଚଳାଇବା କଥା ନୁହଁ । ଏଦିଗରେ ଅଭିଭାବଙ୍କ ଭୂମିକା ଅଧିକ ।

ଗୁରୁଜନ ବା ଅଭିଭାବକଙ୍କୁ ବାକିମାନେ ସମ୍ମାନ ଦେଖାଇ ତାଙ୍କ କଥା ମାନି ପିକ୍‌ନିକ୍‌ରେ ଭଲରେ ଯାଇ ଭଲରେ ଫେରିଲେ ପିକ୍‌ନିକ୍‌ର ମଜା ଅନୁଭବ କରିହୁଏ । କୌଣସି ଦୁର୍ଘଟଣା ଘଟିଲେ ବି ତାହା ମନେ ରହେ । ହେଲେ ସୁଖଦିଆ ପିକ୍‌ନିକ୍ ସୁଖ ସ୍ମୃତିଭିଜା ରହେ । ଖାଇ ସାରିଲା ପରେ ସେ ସ୍ଥାନକୁ ପୂରା ସଫାସୁତର କରିବା ଭଲ । ଯେମିତି ପରବର୍ତ୍ତୀ ଦଳ ସେଠାକୁ ଆସି ପୂର୍ବ ଦଳକୁ ଗାଳି ନକରନ୍ତି । ସ୍ୱଚ୍ଛତା ଦିଗ ପ୍ରତି ସଚେତନ ରହି ଖଲି ଦନା ସବୁକୁ ଏକାଠି କରି ପୋଡ଼ିଦେବା ଭଲ । ନିଆଁରେ ଖଲି ଦନା ପୂରା ପୋଡ଼ିଗଲା ପରେ ନିଆଁକୁ ଲିଭାଇ ସେ ସ୍ଥାନ ଛାଡ଼ିବା ଉଚିତ୍ । ଇଆଡ଼େ ସିଆଡ଼େ ଅଇଁଠା ଖଲିଦନା ଫିଙ୍ଗିଲେ ସ୍ଥାନ ପୁଣି ଦୂଷିତ ହେଇଥାଏ । ଅଳିଆ ଆବର୍ଜନା ପଡ଼ିରହିଥିଲେ ବହିରାଗତ ପିକ୍‌ନିକ୍ ପାର୍ଟି ସେ ସ୍ଥାନ ସମ୍ପର୍କରେ ଭିନ୍ନ ଧାରଣା ନେଇ ସେଇଠୁ ଫେରିପାରନ୍ତି । ତେଣୁ ଫେରିବା ପୂର୍ବରୁ ପିକ୍‌ନିକ୍ ସ୍ପଟ୍‌ର ଭଲ ସଫେଇ କରି ସେଇଠୁ ଫେରିବା ସୁନ୍ଦର କାମ ହେବ ।

ତେବେ ପିକ୍‌ନିକ୍‌ରେ ଉଭୟ ଭଲ ଓ ମନ୍ଦ ଦିଗକୁ ପରଖା ଯିବା ଚାହି । ସତର୍କତାକୁ ପ୍ରାଥମିକତା ଦେଇ ଯିବା ଆସିବା କଲେ ଓ ସୁରୁଖୁରୁରେ ଫେରି ଆସିଲେ ପିକ୍‌ନିକ୍ ସ୍ମରଣୀୟ ରହେ । ସେଇ ପିକ୍‌ନିକ୍‌କୁ ନେଇ ପୁଣି ଲେଖାଯାଇପାରେ କେତେ ଗପ, କେତେ ଗୀତ । ତାକୁ ପଢ଼ି ପାଠକ ଅବଗତ ହୋଇପାରନ୍ତି ନୂଆ ପିକ୍‌ନିକ୍ ସ୍ପଟ୍ ବାବଦରେ । ଗୋଟେ ସ୍ଥାନ ଉପରେ ଧାରଣା ବି ଜନ୍ମେ ପିକ୍‌ନିକ୍‌ରେ ଯାଇ ମାନେ ଭ୍ରମଣରେ ଯାଇ ଭ୍ରମଣଜନିତ ଯତ୍‌କିଂଚିତ ଜ୍ଞାନ ମଧ୍ୟ ଆହରଣ କରାଯାଇପାରେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

29 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୩ ଜାନୁଆରୀ ୨୦୨୪ ଶନିବାର





# ବିଷ୍ଣୁପ୍ରିୟା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବ୍ଲାକ୍ ଡାଇମଣ୍ଡ ଚାମ୍ପିଅନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ବ୍ଲକ ମଣ୍ଡାସାହି ପଞ୍ଚାୟତ ଉତ୍ତରଣ୍ଡା ଠାରେ ରାମେଶ୍ୱର ସ୍ପୋର୍ଟିଙ୍ଗ କ୍ଲବ ପକ୍ଷରୁ ବିଷ୍ଣୁପ୍ରିୟା ମେମୋରିଆଲ ଏକ ଦିବାସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ୱର୍ଗତ ବିଷ୍ଣୁପ୍ରିୟା ପଟ୍ଟନାୟକଙ୍କ ଅମର ସ୍ମୃତି ଉଦେଶ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତା ପଟ୍ଟନାୟକ ଜଣେ ଧର୍ମପରାୟଣ ମହିଳା ଭାବେ ବେଶ ଜଣାଶୁଣା ଥିଲେ। ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଭାଇଚାରା ଓ ସାମ୍ୟବାଦର ପ୍ରଚାର ପ୍ରସାର କରିବା ଆଭିମୁଖ୍ୟକୁ ଆଧାର କରି ଉକ୍ତ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ କରାଯାଉଛି। ଏହି ଏକ ଦିବସୀୟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥିଭାବେ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧକ୍ଷା କନକ ପ୍ରଭା ଲେଙ୍କା, ୧ ନମ୍ବର ଜୋନ ଜିଲ୍ଲାପରିଷଦ




ଚିତ୍ତରଞ୍ଜନ ରାଉଳ, ସରପଞ୍ଚ ପୁଷ୍ପଲତା ଦାସ ପ୍ରମୁଖ ଯୋଗଦେଇ ମ୍ୟାଚ୍‌କୁ ଫିତାକାଟି ଉଦ୍‌ଘାଟନ କରିଥିଲେ। ସ୍ପୋର୍ଟିଙ୍ଗ କ୍ଲବର ସଭାପତି ପ୍ରିତମ ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ମୁଖପାତ୍ର ତାପସ କୁମାର ରାଉତ, ସହ ସଭାପତି ମନୋରଞ୍ଜନ ଜେନା, ସହ ସମ୍ପାଦକ ସର୍ବଜିତ ଜେନା, କୋଷାଧକ୍ଷ ପ୍ରସନ୍ନ ଜେନା, ପରିଚାଳକ ଅମିତ ସୁମିତାଭ ମହାନ୍ତି, ସହ ପରିଚାଳକ ବିଭୁ ପ୍ରସାଦ ଜେନା, ଅବିନାସ ମହାନ୍ତି, ଦୀପ୍ତି ରଞ୍ଜନ ଜେନା, ବିରଞ୍ଚି ନାରାୟଣ ମହାନ୍ତି, ରବୀନ୍ଦ୍ର ନାଥ ମହାନ୍ତି, ସୁଶାନ୍ତ କୁମାର ଜେନା, ସଂଜିତ ପଟ୍ଟନାୟକ, ପ୍ରବୋଧ ମହାନ୍ତି, ପ୍ରକାଶ ରଞ୍ଜନ ମହାନ୍ତି, ମିହିର କୁମାର ପଟ୍ଟନାୟକ, ଆହ୍ଲାଦ ମହାନ୍ତି, ବିବୁଧ ପ୍ରଧାନ, ପ୍ରଦୀପ୍ତ ରଞ୍ଜନ ମହାନ୍ତି, ନବୀନ କୁମାର ଜେନା, ରଶ୍ମିରଂଜନ ଜେନା, ଜୀବନ ଜେନାଙ୍କ ସମେତ କ୍ଲବର ସମସ୍ତ ସଭ୍ୟମାନେ ଏହି ମ୍ୟାଚକୁ ପରିଚାଳନା କରିଥିଲେ। ଏହି ମ୍ୟାଚରେ ୧୬ ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚଟି ବ୍ଲାକ ଡାଇମଣ୍ଡ କ୍ରିକେଟ ଟିମ୍ ଜଗତସିଂହ ପୁର ଓ ମା' ବୁଢ଼ୀ ଜାଗୁଳାଇ, ସାଲେପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୁଢ଼ୀ ଜାଗୁଳାଇ ପ୍ରଥମେ ୮ ଓଭର ଖେଳି ୬୬ ରନ ସଂଗ୍ରହ କରିଥିଲେ। ଜବାବରେ ବ୍ଲାକ୍ ଡାଇମଣ୍ଡ ୭.୩ ଓଭର ଖେଳି ୬୭ ରନ କରି ଚାମ୍ପିଅନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଚିଣ୍ଟୁ, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଦେବବ୍ରତ ବିବେଚିତ ହୋଇଥିଲେ। ସର୍ବଜିତ ଜେନା ଓ ମନୋରଞ୍ଜନ ଜେନା ଅମ୍ପାୟାର ଭାବେ ଖେଳକୁ ପରିଚାଳନା କରିଥିଲେ। ଦେବେନ୍ଦ୍ର ନାଥ ଥାର୍ଡ଼ ଅମ୍ପେଆର ଭାବେ ପରିଚାଳନା କରିଥିବାବେଳେ ଅମିତ ମହାନ୍ତି ରେଫ୍ରି ଭାବେ ସହଯୋଗ କରିଥିଲେ। ମିହିର ପଟ୍ଟନାୟକ, ବିଶ୍ୱଜିତ ପଟ୍ଟନାୟକ, ପ୍ରବୋଧ କୁମାର ମହାନ୍ତି, ତାପସ କୁମାର ରାଉତ, ଅମିତ ସୁମିତାଭ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

# ଉଦ୍‌ଘାଟିତ ହେଲା ବାଲେଶ୍ୱର ଜିଲ୍ଲା ବାର୍ଷିକ ମହୋତ୍ସବ କୋଶମ୍ବ-୨୦୨୪

## 'ଜିଲ୍ଲାର ଲୋକକଳା, ଭାସ୍କର୍ଯ୍ୟ ଏବଂ ସାହିତ୍ୟର ବିକାଶର ମାଧ୍ୟମ ହେଉଛି କୋଶମ୍ବ ମହୋତ୍ସବ'

**ବାଲେଶ୍ୱର,ନ୍ୟୁଜ୍**

ବହୁ ପ୍ରତିକ୍ଷିତ ବାଲେଶ୍ୱର ଜିଲ୍ଲା ବାର୍ଷିକ ମହୋତ୍ସବ କୋଶମ୍ବ-୨୦୨୪, ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ସ୍ଥାନୀୟ ପୋଲିସ ଲାଇନ୍ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏହି ବିଶାଳ ମହୋତ୍ସବର ଆୟୋଜନ କରାଯାଇଛି ଓ ଏହି ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦାନ କରି ଏହି ୫ ଦିନ ବ୍ୟାପୀ ହେବାକୁ ଥିବା ବାର୍ଷିକ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନୀୟ ଅତିଥିଭାବେ ବାଲେଶ୍ୱର ସଦର ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏବଂ ଓଡ଼ିଶା ସରକାରଙ୍କ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର (କେନ୍ଦ୍ରାଞ୍ଚଳ ଜୋନ) ସୁପରିଟେଣ୍ଡେଣ୍ଟ ଇଂଜିନିୟର ଜଗବନ୍ଧୁ ରାଉତ ଯୋଗ ଦେଇଥିଲେ।

ଏହି ମେଳାରେ କୃଷି, ମିଶନ ଶକ୍ତି, ଶିକ୍ଷା, କ୍ରୀଡ଼ା, ସଂସ୍କୃତି, ନିୟୋଜନ, ସମାଜ ମଙ୍ଗଳ, ବିଭିନ୍ନ ଇଂଜିନିୟରିଂ ବିଭାଗ, ଲିଡ୍ ବ୍ୟାଙ୍କ୍ ଏବଂ ଅନ୍ୟାନ୍ୟ ଲାଇନ୍ ବିଭାଗର ପ୍ରାୟ ୨୦୦ ଷ୍ଟଲ୍ ଏବଂ କୃଷି ଯନ୍ତ୍ରୀକରଣ ଉପରେ ୧୦୦ ଷ୍ଟଲ୍ ରହିଛି। ଦିନର ପୂର୍ବାହ୍ନ ଏବଂ ଅପରାହ୍ନ ସମୟରେ ବିଭିନ୍ନ କର୍ମଶାଳାମାନ ଆୟୋଜିତ କରାଯିବାର ବ୍ୟବସ୍ଥା ରହିଛି। ବିଭିନ୍ନ କୃଷିଜାତ, ଗ୍ରାମୀଣ, ହସ୍ତଶିଳ୍ପ, କୁଟୀର ଶିଳ୍ପ ଆଦି ଅନେକ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ ଚାଲିଛି। ନୂଆ-ଓ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାର ବିଜେତା ଦଳମାନେ ମଧ୍ୟ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବେ। ପୁରସ୍କାର, ସମ୍ବର୍ଦ୍ଧନା, ସମ୍ମାନ ପ୍ରଦାନ ପର୍ବ ସହ ନିଯୁକ୍ତି ମେଳା, କୃଷକ ମେଳା ଆଦି ଏହି ଅବସରରେ ଆୟୋଜିତ କରାଯାଇଛି।

ଏହି ମହୋତ୍ସବ ମାଧ୍ୟମରେ ଜିଲ୍ଲାର ଲୋକକଳା, ଭାସ୍କର୍ଯ୍ୟ ଏବଂ ସାହିତ୍ୟର ବିକାଶ ହେବା ସହିତ ଜନମାନସରେ ଆଦୃତ ହେବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଥିଲେ। ଏହି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ତଥା ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ଭଜନ ଗାୟକ ଅନୁପ ଜଲୋଟାଙ୍କ କଳାତ୍ମକ ପରିବେଷଣ ସମସ୍ତ ଦର୍ଶକମାନଙ୍କ ମନୋରଞ୍ଜନ କରିଥିବା ବେଳେ ବିଭିନ୍ନ କଳାକାରମାନେ ନିଜ ନିଜ କଳା ଦ୍ୱାରା ସମସ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ।

# ପ୍ରଭୁ ଶ୍ରୀରାମଙ୍କ ଆଗମନ ସବୁଠି ରାମମୟ ପରିବେଶ ତିଆରି କରିଛି : ଧର୍ମେନ୍ଦ୍ର

**କଟକ,ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଅଯୋଧ୍ୟା ଧାମରେ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ କଟକର କଲେଜ ଛକ ମଙ୍ଗଳା ମନ୍ଦିର ପରିସରରେ ଆୟୋଜିତ 'ଅକ୍ଷତ ବଣ୍ଟନ ଯାତ୍ରା'ରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇ ପ୍ରଭୁ ଶ୍ରୀରାମଙ୍କ ଆଗମନ ସବୁଠି ରାମମୟ ପରିବେଶ ତିଆରି କରିଛି ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପବିତ୍ର ଅଯୋଧ୍ୟା ଧାମରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାର ଆଉ ମାତ୍ର ୧୧ ଦିନ ବାକି ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଠାରୁ ୧୧ ଦିନିଆ ସ୍ୱତନ୍ତ୍ର ରୀତିନୀତି ଆରମ୍ଭ କରିଛନ୍ତି। ଏହି ଉପଲକ୍ଷେ ଐତିହାସିକ ସହର କଟକରେ ମୁଁ ରାମଭକ୍ତମାନଙ୍କ ସହ 'ଅକ୍ଷତ ବଣ୍ଟନ ଯାତ୍ରା'ରେ ସାମିଲ ହେବାର ସୌଭାଗ୍ୟ ଲାଭ କଲି। ଶ୍ରୀରାମ ମନ୍ଦିର ସମସ୍ତ ହିନ୍ଦୁ ଏବଂ ସନାତନୀଙ୍କ ଆସ୍ଥାର କେନ୍ଦ୍ର। ଆସନ୍ତା ୨୨ ତାରିଖରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ସବୁଠି ରାମମୟ ପରିବେଶ ତିଆରି ହୋଇଛି। ପ୍ରଭୁ ଶ୍ରୀରାମଙ୍କ ଆଗମନରେ ରାମନାମର ପଦଧ୍ୱନୀ ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ଭକ୍ତିମୟ ଓ ଆଧାତ୍ମିକ ପରିବେଶ ସୃଷ୍ଟି



କରିଛି। କେନ୍ଦ୍ରମନ୍ତ୍ରୀ "ସିୟାବର ରାମଚନ୍ଦ୍ର କୀ ଜୟ" ସ୍ଲୋଗାନ ଦେବା ସହ ପ୍ରଭୁ ଶ୍ରୀରାମଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି।

# ବିଏସ୍‌କେୱାଇ ନବୀନ କାର୍ଡ ରଥର ଶୁଭାରମ୍ଭ

**ସୁବର୍ଣ୍ଣପୁର,ନ୍ୟୁଜ୍‌ବ୍ୟୁରୋ**

ଗତ ୬ ତାରିଖରୁ ସାରା ରାଜ୍ୟରେ ବିଏସ୍‌କେୱାଇ ନବୀନ କାର୍ଡ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକ ଯାହା ପାଖରେ ବିଏସ୍‌କେୱାଇ କାର୍ଡ ନଥିବ ଏବଂ ସେ ସରକାରୀ ଚାକିରି କରୁନଥିବେ କିମ୍ବା ଆୟକର ଦାତା ହୋଇ ନଥିବେ ସେ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପଞ୍ଜୀକରଣ କରିପାରିବେ। ତେବେ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପଞ୍ଜୀକରଣ କରି ଏହାର ସୁବିଧା ନେବା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ



କରାଯାଇଛି। ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଏସ୍‌କେୱାଇ ନବୀନ କାର୍ଡ ରଥର ଶୁଭାରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବର, ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ସୁଧୀର କୁମାର ବେଦବାକ, ଡିଆଇପିଆରଓ ଅଶ୍ୱିନୀ ଭୋଇ, ଡିପିଏମ୍ ବିଶ୍ୱମ୍ଭର ବେହେରା, ବିଏସ୍‌କେୱାଇ ଜିଲ୍ଲା ସଂଯୋଜିକା ପ୍ରଜ୍ଞା ପରିମିତା ଦାଶ, ଏଡିପିଏଚ୍‌ସିଓ ବୃନ୍ଦାବନ ସାହୁ, ଏଡିସି ହରପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ରଥ ଜିଲ୍ଲାର ଗାଁ ଗାଁ ବୁଲି ବିଏସ୍‌କେୱାଇ ନବୀନ କାର୍ଡ ପଞ୍ଜୀକରଣ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବ ବୋଲି ସୂଚନା ଦିଆଯାଇଛି। ତେବେ ଗତ ୬ ତାରିଖ ସୁବର୍ଣ୍ଣପୁର ଉତ୍ସବ ଆରମ୍ଭ ଦିନଠାରୁ ଆମ ଜିଲ୍ଲାରେ ଏହା ସଂପର୍କରେ ପ୍ରଚାର ପ୍ରସାର ଆରମ୍ଭ ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଉତ୍ସବସ୍ଥଳରେ ବିଏସ୍‌କେୱାଇ ନବୀନ କାର୍ଡ ପୋଷ୍ଟର ରିଲିଜ୍ ହୋଇଛି ଏବଂ ଲୋକଙ୍କୁ ଲିଫଲେଟ୍ ବଣ୍ଟାଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହିଳାଙ୍କ ଭାଗିଦାରୀ...

ଗୋଷ୍ଠୀର ସଦସ୍ୟା ଓ କୃଷି ଉଦ୍ୟୋଗୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏଥି ସହିତ ଉଦଘାଟନୀ କାର୍ଯ୍ୟକ୍ରମରେ କୃଷି ଯନ୍ତ୍ରପାତି ତିଆରି କରିଥିବା ୭୦ ଜଣ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ମିଳନୀରେ ସଫଳ ମହିଳା କୃଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବ। ରାଜ୍ୟରେ କୃଷି, ଉଦ୍ୟାନକୃଷି, ଖାଦ୍ୟ ପ୍ରକ୍ରିୟାକରଣ, ମତ୍ସ୍ୟଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ରହିଥିବା ଅନନ୍ୟ ସୁଯୋଗଗୁଡ଼ିକ ପ୍ରଦର୍ଶିତ କରାଯିବ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, କେନ୍ଦ୍ର ସରକାର, ଆଇସିଏଆର ପ୍ରତିଷ୍ଠାନ, ସିଜିଆଇଏଆର ପ୍ରତିଷ୍ଠାନ, ବେସରକାରୀ ସଂଗଠନ ଗୁଡ଼ିକର ସହଯୋଗରେ ୧୭ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ। କୃଷି ଓଡ଼ିଶା-୨୦୨୪କୁ ଉଦ୍‌ଘାଟନ ଉତ୍ସବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କୃଷିକ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ ହୋଇଛି। ଦିନଥିଲା ରାଜ୍ୟର କୃଷି ବଜେଟ ଥିଲା ୭୨୩ କୋଟି। ଆଜି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କୃଷି ବଜେଟ ୨୪ ହଜାର କୋଟିରେ ପହଞ୍ଚିଛି। ଏଇ ହେଉଛି ପରିବର୍ତ୍ତନ। ଚାଷୀଙ୍କ ପାଖରେ ସବୁ ଯୋଜନା ଯେପରି ପହଞ୍ଚିବ କଡାକଡି ପାଳନ କରିବାକୁ ନିୟମ କରିଛନ୍ତି ମୁଖ୍ୟମନ୍ତ୍ରୀ। ୪୫ ଲକ୍ଷ ଚାଷୀ ପରିବାରର ପିଲାଙ୍କୁ ବୈଷୟିକ ଶିକ୍ଷା ପାଇଁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି। ଏହା ଏକ ଐତିହାସିକ ନିଷ୍ପତ୍ତି। ଚଳିତବର୍ଷ ୧୪୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ରିହାତି ଦରରେ ଚାଷୀଙ୍କୁ ଯୋଗାଇଦିଆଯିବ ବୋଲି କୃଷିମନ୍ତ୍ରୀ କହିଛନ୍ତି। କୃଷି ଓଡ଼ିଶା ଉତ୍ସବରେ ଯୋଗ ଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି ରାଜ୍ୟରେ କୃଷି ଉଦ୍ୟୋଗରେ ମହିଳାଙ୍କ ଭାଗିଦାରୀ ବଢ଼ିଛି। ମିଲେଟ ମିଶନ ଜରିଆରେ ମିଶନ ଶକ୍ତି ମହିଳାଙ୍କ ଆର୍ଥିକ ବିକାଶରେ ପ୍ରଗତି ଆସୁଛି। କୃଷିର ଯନ୍ତ୍ରପାତି କିଣାରେ ଓଡ଼ିଶା ଆଗୁଆ। ମୋ' ପୋଖରୀ ଯୋଜନା ମାଧ୍ୟମରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ କୃଷିର ପ୍ରଗତି ସମ୍ଭବ ହୋଇଛି। ଚାଷୀଙ୍କ ସର୍ବାଙ୍ଗୀନ ବିକାଶକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ, କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ଏବଂ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧୁରୀଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ୭ ମାସ ଭିତରେ...

ରୂପାନ୍ତରଣ ପାଇଁ ୨୭କୋଟି ଟଙ୍କା ମଞ୍ଜୁର ହୋଇଛି। ଫେବୃଆରୀ ଶେଷ ସୁଦ୍ଧା କାମ ସରିଯିବ। ବେଲଖଣ୍ଡି ମନ୍ଦିର ପାଇଁ ୨କୋଟି ୫୦ଲକ୍ଷ, ମା'ଆ ଲଙ୍କେଶ୍ୱରୀ ମନ୍ଦିର ପାଇଁ ୨କୋଟି ୫୦ଲକ୍ଷ, ମା'ଆ ଭଣ୍ଡାରଘରଣୀ ମନ୍ଦିର ପାଇଁ କୋଟିଏ ୯ଲକ୍ଷ, ଆମ୍ବପାଣି ବୁଢାରଜା ମନ୍ଦିର ପାଇଁ ୭୫ଲକ୍ଷ ଟଙ୍କା, ଥୁଆମୂଳ-ରାମପୁର ଜଗନ୍ନାଥ ମନ୍ଦିର ପାଇଁ ୨୦ଲକ୍ଷ, ଭବାନୀପାଟଣା ଆଶା ସାଗର ପାଇଁ ୬କୋଟି ୪୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ପିପଲ ନାଳ ସେତୁ ଓ ସୌନ୍ଦର୍ଯ୍ୟକରଣ ପାଇଁ କୋଟିଏ ୭୦ ଲକ୍ଷ ଟଙ୍କା, ସାନ୍ଦୁଲ ନଦୀ ଉପରେ ସେତୁ ପାଇଁ ୧୪କୋଟି ୫୦ଲକ୍ଷ, ହାତୀ ନଦୀ ଉପରେ ସେତୁ ପାଇଁ ୧୧କୋଟି ୨୦ଲକ୍ଷ, କଲ୍ୟାଣ ନଦୀ ଉପରେ ଡଙ୍ଗର ମୁରଲୀରୁ ଖଲିପଦର ରାସ୍ତାରେ ସେତୁ ପାଇଁ ୮କୋଟି ୮୨ ଲକ୍ଷ ଟଙ୍କା ଓ ରେତ ନଦୀ ଉପରେ ସଗରପଦା ଖମାରପଦର ରାସ୍ତାରେ ସେତୁ ପାଇଁ ୮କୋଟି ୪୦ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ଥୁଆମୂଳ-ରାମପୁରରେ ସରକାରୀ ଡିଗ୍ରୀ କଲେଜକୁ ମଞ୍ଜୁରୀ ମିଳିଛି। ୧୦ଦିନ ଭିତରେ ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ଖୁସି ଖବର ମିଳିବ ବୋଲି ୫-ଟି ଅଧକ୍ଷ କହିଛନ୍ତି। ଜିଲ୍ଲାରେ ଲକ୍ଷ୍ମୀ ବସ ଚାଲିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ପାଇନଥିବା ଗ୍ରାମାଞ୍ଚଳ ଲୋକ ଆବେଦନ କରିବାକୁ ସେ କହିଛନ୍ତି। ଯୋଜନାରେ ବଡ଼ ହସପିଟାଲରେ ଚିକିତ୍ସିତ ହେବାକୁ ଗରିବଙ୍କୁ ମୁଖ୍ୟମନ୍ତ୍ରୀ ସାହାସ ଦେଇଛନ୍ତି। କଳାହାଣ୍ଡିରେ ପ୍ରତି ଘରେ ନବୀନ କାର୍ଡ ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଛନ୍ତି। ମାର୍ଚ୍ଚ ସୁଦ୍ଧା ଆମ ବ୍ୟାଙ୍କ ଯୋଜନାରେ ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ। ଭତ୍ତା ପାଉଥିବା ଲୋକଙ୍କୁ ଶୀଘ୍ର ଖୁସି ଖବର ମିଳିବ। ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। କଳାହାଣ୍ଡିକୁ ସବୁ ଦେଇଛନ୍ତି ମୁଖ୍ୟମନ୍ତ୍ରୀ, କଳାହାଣ୍ଡିବାସୀ ତାଙ୍କୁ ସମ୍ମାନ ଦେବାକୁ ୫-ଟି ଅଧକ୍ଷ ଆହ୍ୱାନ ଦେଇଛନ୍ତି। ଏହି ସରକାର ଲୋକଙ୍କ ସରକାର, ଲୋକ ଯାହା ଚାହିଁବେ ସେଇ କାମ ହେବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

## ରାମ ମନ୍ଦିର ପ୍ରାଣ ...

ମନର ଆବେଗ ଭାଷାରେ ବ୍ୟକ୍ତ କରିବା କଷ୍ଟକର। କିନ୍ତୁ, ମୁଁ ମୋର ପ୍ରଚେଷ୍ଟା ଚଳାଇଛି, ଉଲ୍ଲେଖଯୋଗ୍ୟ, ହିନ୍ଦୁଶାସ୍ତ୍ରମତେ, ଦେବ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ହେଉଛି। ଏକ ବିସ୍ତୃତ ଧାର୍ମିକ ପ୍ରକ୍ରିୟା ପ୍ରାଣ ପ୍ରତିଷ୍ଠା ଉତ୍ସବ ପୂର୍ବରୁ ନିର୍ଦ୍ଦିଷ୍ଟ କେତେକ ନୀତିନିୟମ ପାଳନ କରିବାକୁ ପଡ଼େ। ଅନେକ କାର୍ଯ୍ୟକ୍ରମ ଓ ଦାୟିତ୍ୱ ବହନ କରି ମଧ୍ୟ ପ୍ରଧାନମନ୍ତ୍ରୀ ନିଷ୍ଠାର ସହିତ ସବୁ ନୀତିନିୟମ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିପାଇଁ ସେ ୧୧ ଦିନିଆ ଅନୁଷ୍ଠାନ ପାଳନ କରିବେ।

### ଏସଆଇ ଚୟନରେ ବ୍ୟାପକ ଅନିୟମିତତା ଅଭିଯୋଗ ମାମଲା

# ରିକ୍ରୁଟମେଣ୍ଟ ବୋର୍ଡ଼ ଓ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

**କଟକ,ନ୍ୟୁଜ୍‌ବ୍ୟୁରୋ**

ପୋଲିସ ସବ୍‌ଇନ୍ସପେକ୍ଟର ଚୟନରେ ବ୍ୟାପକ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଛି। ରିଟିନ ପରୀକ୍ଷା ବେଳେ ଭୁଲ ପ୍ରଶ୍ନପତ୍ର ଦିଆଯାଇଥିଲେ ବି, ସେ ସଂକ୍ରାନ୍ତରେ ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ କୌଣସି ପଦକ୍ଷେପ ନେଲାନାହିଁ। ଏପରିକି ଫାଇନାଲ ମେରିଟ୍ ଲିଷ୍ଟ ପ୍ରକାଶ ପାଇଲା ବେଳକୁ କଟ୍ ଅଫ୍ ମାର୍କରେ ମଧ୍ୟ ଜାଲିଆତି ହୋଇଥିବାର ଅଭିଯୋଗ ହୋଇଛି। ତେବେ ଏସବୁକୁ ଆଧାର କରି ହାଇକୋର୍ଟରେ ଦାୟର ହୋଇଥିବା ମାମଲାର ଶୁକ୍ରବାର ଶୁଣାଣି ହୋଇଛି। ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ଼ ଏବଂ ସରକାରଙ୍କୁ ଶୁକ୍ରବାର ହାଇକୋର୍ଟ ଜବାବ ତଲବ କରିଛନ୍ତି। ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୪୭୭ଟି ପୋଲିସ ଏସ୍‌ଆଇ ପୋଷ୍ଟ ପାଇଁ ୨୦୨୧ ମସିହାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଲିଖିତ ପରୀକ୍ଷା ଚାଲିଥିବା ବେଳେ ପେପର ୧ ବଦଳରେ ଭୁଲରେ ଖୋଲାଯାଇଥିଲା ପେପର ୨। ଯାହାଦ୍ୱାରା ପ୍ରଶ୍ନପତ୍ର ବିଭ୍ରାଟ ହେବାର ମଧ୍ୟ ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ସେ ବାବାଦୀୟ ଉପଯୁକ୍ତ ପଦକ୍ଷେପ ନନେଇ ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ରେଜଲ୍ଟ ପ୍ରକାଶ କରିଛି, ଏପରିକି କଟ୍‌ଅପ୍ ମାର୍କ ୧୮୫ ରଖାଯାଇଥିବା ବେଳେ ଫାଇନାଲ ମେରିଟ୍ ଲିଷ୍ଟରେ କଟ୍‌ଅପ୍ ମାର୍କ ୧୭୨ ବୋଲି ଉଲ୍ଲେଖ କରାଯାଇଛି। ଆସନ୍ତା ୨୯ ତାରିଖରେ ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।

# ଖଡ଼ିବିଲ କୁଶଭଦ୍ରା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କ୍ୱାର୍ଟରଫାଇନାଲରେ ଭାଟିଶିରାକୁ ହରାଇ ଫକୀରପୁର ବିଜୟୀ



**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ବାଇଲୋ ପଞ୍ଚାୟତ ଖଡିବିଲ କୁଶଭଦ୍ରା କ୍ରିକେଟ କ୍ଲବ ପକ୍ଷରୁ ଚଳିତବର୍ଷ ୧୩ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ଭାଟିଶିରା ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୭ ୱିକେଟ ହରାଇ ୫୩ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଫକିରପୁର ଏକାଦଶ ୬, ୩ ଓଭରରେ ମାତ୍ର ୩ ୱିକେଟ ହରାଇ ୫୭ ରନ କରି ସେମିଫାଇନାଲକୁ ଉନ୍ନିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଘସିପୁରା ଥାନା ସବଇନ୍ସିପେକ୍ଟର ମାନସ କୁମାର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବନାଞ୍ଚଳ ବନଖଣ୍ଡ ଡେପୁଟି ରେଞ୍ଜର ନବକିଶୋର ନାୟକ, ଅନ୍ୟତମ ଅତିଥି ଭାବେ ରାଜେଶ କୁମାର ପୁରୋହିତ, ତପନ କୁମାର ଜେନା, ଦୀପକ କୁମାର ବେହେରା, ସବିତା ଓଝା, ଯୁବ ସାମ୍ବାଦିକ ଉପେନ୍ଦ୍ର କୁମାର ସାହୁ, ସ୍ମୃତିରଞ୍ଜନ ବିହାରୀ ଯୋଗଦେଇ ଖେଳାଳି ମାନଙ୍କୁ ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ। ଅମ୍ପାଆର ସୂର୍ଯ୍ୟମଣି ଜେନା, ଚିନ୍ମୟ ଜେନା, ସ୍କୋରର ଭାବେ ବାପୀ ଜେନା, ରାଜେଶ ପେରେଇ, ଧରବିବାରଣୀ ପାଠ କରିଥିଲେ। ଯୁବ ସମାଜସେବୀ ସୁରେଶ କୁମାର ଜେନା ଏବଂ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଜୟ ଓଡ଼ିଶା ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ସ୍ୱାମୀ ବିବେକାନନ୍ଦଙ୍କ ୧୬୧ତମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ, ଜୟ ଓଡ଼ିଶା ଓ ଅନ୍ୟାନ୍ୟ ସଂଗଠନ ମିଶି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ୧୯ଟି ୱାର୍ଡର ପ୍ରାୟ ୨୦ଟି କ୍ଲବ୍ ବା ଯୁବଗୋଷ୍ଠୀ ଯେଉଁମାନେ ସଦାସର୍ବଦା ନିଜକୁ ସମାଜସେବା ଓ ପରୋପକାର କାର୍ଯ୍ୟରେ ନିୟୋଜିତ ରଖିଥାନ୍ତି ସେମାନଙ୍କୁ ସମ୍ମାନିତ କରି ଉତ୍ସାହିତ କରାଯାଇଥିଲା।



ସ୍ୱାମୀ ବିବେକାନନ୍ଦ ଥିଲେ ପ୍ରତ୍ୟେକ ଭାରତୀୟଙ୍କ ସ୍ୱାଭିମାନ। ଅନ୍ୟ ଉପରେ ନିର୍ଭରଶୀଳ ନହୋଇ ସର୍ବଦା ସ୍ୱାବଲମ୍ବୀ ହୋଇ କାର୍ଯ୍ୟ କରିବା ଥିଲା ତାଙ୍କର ବାର୍ତ୍ତା। ତାଙ୍କରି ଆଦର୍ଶରେ ନିଜକୁ ଅନୁପ୍ରାଣିତ କରି ନିଜ ସ୍ୱାର୍ଥ ନଦେଖି ସବୁବେଳେ ନିଜକୁ ଜନସେବା ଓ ବିକାଶମୂଳକ କାର୍ଯ୍ୟକ୍ରମରେ ନିୟୋଜିତ ରଖିବା ଏବଂ ନିଜ ରାଜ୍ୟ, ନିଜ ଦେଶକୁ ସର୍ବଦା ଉଚ୍ଚ ସ୍ଥାନରେ ରଖି ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସୁଦୃଢ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' ଗଠନରେ ଭାଗୀଦାର ହେବାପାଇଁ ସମସ୍ତଙ୍କୁ ଉଦ୍‌ବୋଧନ ଦେଇଥିଲେ ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ।


E-Mail I.D.-eepwdcuttack2@gmail.com
Tel./ Fax No.(0671)-2973399
B-1613

OFFICE OF THE SUPERINTENDING ENGINEER
GOVERNMENT OF ODISHA "e" procurement Notice
e-procurement Notice for Building work
Bid Identification No. S.E. CTC (R&B)-II-33 of 2023-24

1. Name of the work : 01 No of Building Work
2. Estimated Cost : Rs. 84,38,721/
3. Period of completion : 4 (Four)calendar Months
4. Date & time of sale & receipt of bid document : From 12.01.2024 to 5 PM of 24.01.2024
5. Last date / time of receipt of bids : 5 PM of 24.01.2024
6. Date & time of Opening of Bids : 11AM of 25.01.2024
7. Name and address of the Officer Inviting Bid : Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal http://www.tendersorissa.gov.in.
Any addendum/ corrigendum/ cancellation of tender can also be seen in the said website.

A.K Behera/-
Superintending Engineer,
Cuttack (R&B) Division No.II
OIPR-34137/11/0027/2324



GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, KENDRAPARA
eerw_kendraparat@yahoo.co.in
O-2211

'E' PROCUREMENT NOTICE NO.RWD-II/KPD-06/23-24 DTD 10.01.2024

1 Name of work : Road works in the District of Kendrapara for the year 2023-24.
2 Total No of Work : 2 Nos Roads
3 Estimated Cost : Rs.8.40 Lakhs (Approx.)
4 Period of Completion : 1Months
5 Class of contractors : C, D Class
6 Cost of Tender Paper : Cost of Tender paper is to be remitted ONLINE as specified in column-3 of the Annexure
7 Detail projects : As specified in the Annexure

**Other details as follows :**
a) Procurement officer : Executive Engineer Rural Works Division-II, Kendrapara
b) Availability of tender online & submission of bid : 17.01.2024 at 11:00 AM to 29.01.2024 up to 5:00 PM
c) Last date & time of seeking of tender clarification : 25.01.2024 up to 5:00 PM
d) Opening of Tender : 30.01.2024 at 11.00A.M

Further details can be seen from the Govt. website www.tendersorissa.gov.in

Sd/- Executive Engineer
Rural Works Division-II, Kendrapara
OIPR-25098/11/0012/2324



A-

GOVERNMENT OF ODISHA, DEPARTMENTOF WATER RESOURCES
Office of the Engineer-In-Chief, Water Resources, Secha Sadan, Bhubaneswar
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDB-03/ 2023-24

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDB-03/ 2023-24
5. Tender Value : Rs. 67,96,823.00
6. Period of Completion : Three calendar months.
7. Date & time of availability of bid documents in the Portal : From dt.17.01.2024 (10.00 AM) to dt.26.01.2024 (5.30 PM)
8. Last date/ time for receipt of bid In the Portal : dt.26.01.2024 (up to 5.30 PM)
9. Date and Place of opening of Technical Bid : dt.29.01.2024 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in

Sd/- Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar
OIPR-32520/11/0008/2324



C-2353

OFFICE OF THE GENERAL MANAGER,
WATCO PROJECT DIVISION
Email: gmprojectsbp@gmail.com Tel. No. 0663-2411911
e-Procurement Notice
Bid Identification No.27/ Project/WATCO/SBP/ 2023-24 Dated 08.01.2024

1. **Name of the work:** Civil Sewerage Work
2. **Estimated cost:** Varies approximately from Rs.6.12 Lakhs to Rs. 36.69 Lakhs for 7(Seven) nos. of works.
3. **Period of Completion:** Refer to DTCN
4. **No of Works:** 7 (Seven) nos.
5. **Tender Paper Cost:** Refer to DTCN
6. **Class of Contractor: B, C & D Class**
7. **Date & Time of availability of bid document in the portal**: 11.00 Hrs. of 16.01.2024 to 17.00 Hrs. of 23.01.2024
8. **Date of opening of Bid:** 12.30 Hrs. on dtd.24.01.2024
9. **Name and address of the O.I.T**: General Manager, WATCO Project Division, Sambalpur, At- 40 MLD STP Campus, Bhatra, Dhanupali, Sambalpur,768005.

Further details can be seen from the e-Procurement portal "https://www.tendersorissa.gov.in"

Sd/- GENERAL MANAGER,
WATCO PROJECT DIVISION, SAMBALPUR
OIPR-13236/11/0014/2324



A-1200

OFFICE OF SUPERINTENDING ENGINEER
MINOR IRRIGATION DIVISION, CUTTACK
Letter No. 217 / Dt. 11.01.2024
GOVERNMENT OF ODISHA e-Procurement Notice
Bid Identification No. on line SECMID- 18 / 2023-24
eemidcuttack@yahoo.co.in

1. Name of work :- Construction of Check Dams & MIPs in MI Sub-Division Athagarh, Baramba and Narasinghpur.
2. Total Number of work :- 5 (Five) nos.
3. Estimated cost :- Varies from Rs. 51.69 to Rs. 76.34 lakhs
4. Tender paper Cost(Online) :- Rs.10,000/-
5. Bid Security (Online) :- As per DTCN
6. Period of Completion :- As per DTCN
7. Availability of Bid Document:- From 16.01.2024, 10.00 AM to 25.01.2024, 5.00 PM in website (www.tendersorissa.gov.in)
8. Last date & Time of receipt of:- Bid through online 25.01.2024 at 5.00 PM through online
9. Date of opening of Technical Bid: - 29.01.2024 at 11.00 A.M in the office of the SE, M.I. Division, Cuttack Documents.
10. Date of opening of Financial Bid:- 30.01.2024 at 11.00 A.M in the office of the SE, M.I. Division, Cuttack Documents.
11. Date of Lottery, if required :- 2.02.2024 at 11.00AM in the office of the SE, M.I. Division, Cuttack
12. Name and address of the OIT :- Superintending Engineer, M.I. Division, Cuttack P.O :- Nayabazar, Cuttack Phone :- 0671-2443622 PINCODE :- 753004

Further details can be seen from the Government of Odisha Web-Sitewww.tendersorissa.gov.in

Sd/- Superintending Engineer
M.I. Division, Cuttack
OIPR-32121/11/0017/2324

ଭୁବନେଶ୍ୱର
୧୩ ଜାନୁଆରୀ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ତ୍ରିକୋଣୀୟ ପ୍ରେମରୁ ହତ୍ୟା ମାମଲା : ଅଭିଯୁକ୍ତ ଡାକ୍ତର ହୃଷିକେଶ ତ୍ରିପାଠୀଙ୍କୁ ଆଜୀବନ ଜେଲ୍ ଦଣ୍ଡ

**ବ୍ରହ୍ମପୁର, ୧୨।୧ :ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁରର ବହୁଚର୍ଚ୍ଚିତ ବିଷ୍ଣୁ ଗୌଡ଼ ହତ୍ୟାକାଣ୍ଡ ମାମଲାର ଚୂଡ଼ାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତୃତୀୟ ମାମଲା ବିଚାରଣା କରି ଅଭିଯୁକ୍ତ ଡାକ୍ତର ହୃଷିକେଶ ତ୍ରିପାଠୀଙ୍କୁ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହ ୧୦ଲକ୍ଷ ଟଙ୍କା ଜରିମାନା ଓ ଅନ୍ୟ ଦୁଇ ଅଭିଯୁକ୍ତ ଗଙ୍ଗା ବେହେରା ଓ ବିଧାନ ସେଠୀଙ୍କୁ ଦୁଇ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ସୂଚନାଯୋଗ୍ୟ ଯେ, ୨୦୧୮ ସେପ୍ଟେମ୍ବର ୪ ତାରିଖରେ ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ବିଷ୍ଣୁ ଗୌଡ଼ଙ୍କୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତ ଡାକ୍ତର ହୃଷିକେଶ ତ୍ରିପାଠୀ ବିଷ୍ଣୁଙ୍କୁ ନିଶା ଦେଇ ହତ୍ୟା କରିବା ପରେ ତାଙ୍କ ଶରୀରକୁ କ୍ଲିନିକାଲ ବ୍ଲେଡ଼ରେ ଖଣ୍ଡ ଖଣ୍ଡ କରି କାଟି ଦେଇଥିଲେ। ପରେ ଡାକ୍ତର ତ୍ରିପାଠୀ ତାଙ୍କର ଅନ୍ୟ ଦୁଇ ସହଯୋଗୀଙ୍କ ସହାୟତାରେ ସହର ଉପକଣ୍ଠ ପଲିଗୁମୁଳାରେ ଥିବା ତାଙ୍କ କ୍ଲିନିକର ଆବର୍ଜନା ପକାଯାଉଥିବା ସ୍ଥାନରେ ପୋତି ଦେଇଥିଲେ। ସେଠାରୁ ପୋଲିସ ବିଷ୍ଣୁଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରିଥିଲା। ପରେ ବୈଦ୍ୟନାଥପୁର ଥାନା ପୋଲିସ ହତ୍ୟାକାରୀ ତଥା ମୁଖ୍ୟ ଅଭିଯୁକ୍ତ ଡାକ୍ତର ହୃଷିକେଶ ତ୍ରିପାଠୀଙ୍କୁ ଏକ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡୁ ମାମଲା ପରିଚାଳନା କରୁଥିଲେ।




ଭୁବନେଶ୍ୱର : 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟଙ୍କ ବିଦ୍ୟାଳୟ ସମୟର ଗୁରୁ ହରେକୃଷ୍ଣ ଦାଶଙ୍କ ୮୪ତମ ଜୟନ୍ତୀ ଫରେଷ୍ଟ ପାର୍କ ସ୍ଥିତ ଓମ୍ ପ୍ରାଣାୟାମ କେନ୍ଦ୍ର ପକ୍ଷରୁ ଆଡ଼ମ୍ବରର ସହ ପାଳନ କରାଯାଇଛି। ଯୋଗଗୁରୁ ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଓମ୍ ପ୍ରାଣାୟାମ କେନ୍ଦ୍ରର ସମସ୍ତ ସଦସ୍ୟ ଗୁରୁ ଶ୍ରୀ ଦାଶଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ମାଲକାନଗିରିରେ ବିମାନ ବନ୍ଦର ଉଦ୍‌ଘାଟନ ହେବା ପରେ ପ୍ରଥମ ମହିଳା ଆଦିବାସୀ ପାଇଲଟ୍ ଅନୁପ୍ରିୟା ମଧୁମିତା ଲାକ୍ରା ପ୍ରଥମ କରି ଭୁବନେଶ୍ୱରରୁ ଏକ ବାଣିଜ୍ୟିକ ବିମାନ ଚଳାଇ ମାଲକାନଗିରି ବିମାନ ବନ୍ଦରରେ ପହଞ୍ଚିଥିଲେ। ପାଇଲଟ୍ ମଧୁମିତା ଲାକ୍ରା ମାଲକାନଗିରିରେ ତାଙ୍କର ସ୍କୁଲ ଜୀବନ କଟାଇଥିଲେ। (ଫଟୋ : ସମ୍ବାଦ କଳିକା)








କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲା ପରିଦର୍ଶନ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ। (ଫଟୋ : ସମ୍ବାଦ କଳିକା)

## ମା'କୁ ମାଡ଼ମାରି ଲହୁଲୁହାଣ କରିବା ପରେ ଆତ୍ମହତ୍ୟା କଲା ପୁଅ

**ନିଆଳି, ୧୨।୧ :ନ୍ୟୁଜ୍‌ବ୍ୟୁରୋ**

ମା'-ପୁଅଙ୍କ କଳିର କରୁଣ ପରିଣତି। ମା'କୁ ମାଡ଼ ମାରି ଲହୁଲୁହାଣ କରିବା ପରେ ପୁଅ ଆଲୋକ ସାହୁ ଆତ୍ମହତ୍ୟା କରିଛି। କଟକ ଜିଲ୍ଲା ଓଲଟପୁର ଥାନା କଣ୍ଟାପଡ଼ା ଗ୍ରାମରେ ଘଟିଛି ଏପରି ଅଭାବନୀୟ ଘଟଣା। ମା' ଓ ଭଉଣୀଙ୍କୁ ଥାନାରେ ପଚରାଉଚରା କରି ସାଇଣ୍ଟିଫିକ୍ ଟିମ୍ ଡକାଇ ତଦନ୍ତ ଚଳାଇଛି ପୋଲିସ। ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି ପୋଲିସ। ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ଓଲଟପୁର ଥାନା କଣ୍ଟାପଡ଼ା ଗ୍ରାମର ଆଲୋକ ସାହୁ ଓ ମା' ଶାନ୍ତିଲତାଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଘଟଣା ଥାନାକୁ ମଧ୍ୟ ଯାଇଥିଲା। ମାତ୍ର ଗୁରୁବାର ରାତିରେ ଝଗଡ଼ା ହେବାରୁ ମା' ଶାନ୍ତିଲତା ଥାନାକୁ ଯାଇଥିଲେ। ମାତ୍ର ପୋଲିସ ଆସିଲା ବେଳକୁ ପୁଅ କବାଟ ଦେଇ ଆତ୍ମହତ୍ୟା କରିଥିଲା। ଘଟଣା ପାଇଁ ପୋଲିସକୁ ଦାୟୀ କରିଛନ୍ତି ଆଲୋକଙ୍କ ମା' ଓ ମାମୁଁ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ସଦର ଏସ୍‌ଡିପିଓ କହିଛନ୍ତି।

## ସାଇବର ଅପରାଧକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ : କ୍ରାଇମବ୍ରାଞ୍ଚ ଡିଜିଙ୍କୁ ରିପୋର୍ଟ ତଲବ

**କଟକ, ୧୨।୧ :ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ବଢୁଥିବା ସାଇବର ଅପରାଧକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ହାଇକୋର୍ଟ। ଏସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି ହାଇକୋର୍ଟ। ବୃଦ୍ଧି ପାଉଥିବା ସାଇବର କ୍ରାଇମ୍‌କୁ ରୋକିବା ଦିଗରେ ପୋଲିସର ପଦକ୍ଷେପ କାହିଁକି ଯଥେଷ୍ଟ ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ। ଏସବୁ ମାମଲାର ତଦନ୍ତ ନିରୁତ୍ସାହଜନକ ବୋଲି କୋର୍ଟ ମତ ଦେଇଛନ୍ତି। ପେଟିଏମ୍ ଜରିଆରେ ଏକ ଠକେଇ ମାମଲାକୁ ନେଇ ସୁପ୍ରଭା ବେହେରାଙ୍କ ଆବେଦନର ଶୁଣାଣିରେ ହାଇକୋର୍ଟ କ୍ରାଇମ୍ ଉଦ୍ଦେଶ୍ୟରେ ଏହି ମତ ରଖିଛନ୍ତି। ରାଜ୍ୟରେ କ୍ରାଇମର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନଥିବାରୁ ଅପରାଧୀମାନେ ଅଧିକ ଅପରାଧ ଘଟାଇବାକୁ ସାହସ କରୁଛନ୍ତି ବୋଲି କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଏହାକୁ ନେଇ କୋର୍ଟ



ଅସନ୍ତୋଷ ବ୍ୟକ୍ତ କରିବା ସହ ସତ୍ୟପାଠ ଜରିଆରେ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଥାନାରେ ପଞ୍ଜିକୃତ ସାଇବର ଅପରାଧ ଗୁଡ଼ିକର ତଦନ୍ତର ଅଗ୍ରଗତି ସମ୍ପର୍କରେ କ୍ରାଇମବ୍ରାଞ୍ଚ ଡିଜି ସତ୍ୟପାଠ ଦାଖଲ କରିବେ ବୋଲି କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ ସୁପ୍ରଭାଙ୍କ ମାମଲାର ତଦନ୍ତର ଅଗ୍ରଗତି, ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ତଦନ୍ତକାରୀ ଅଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରୀ ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ହାଇକୋର୍ଟ ସ୍ଥିର କରିଛନ୍ତି।


ଏବେ ବଜାରରେ ଉପଲବ୍ଧ...

'କଥାକଳିକା' ଜାନୁଆରୀ -୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚ୍ଚିଦାନନ୍ଦ କର, ମୁଠାଏ ଆଶା- ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# କୁଳଡ଼ିହା ଅଭୟାରଣ୍ୟରେ ପକ୍ଷୀ ଗଣନା ଆରମ୍ଭ

**ବାଲେଶ୍ୱର, ୧୨।୧ :ନ୍ୟୁଜ୍**

ପ୍ରତିବର୍ଷ ଜାନୁଆରୀ ମାସରେ ପ୍ରାୟତଃ ବନବିଭାଗ ପକ୍ଷରୁ ପକ୍ଷୀ ଗଣନା କାର୍ଯ୍ୟ କରାଯାଇଥାଏ। ଏବେ ସମଗ୍ର ଦେଶ ତଥା ରାଜ୍ୟରେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ସେହି କ୍ରମରେ ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନର ନୀଳଗିରି ବନାଞ୍ଚଳର ପଦ୍ମତୋଳା ହ୍ରଦ ଓ କୁଳଡ଼ିହା ଅଭୟାରଣ୍ୟରେ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ କରାଯାଇଛି। ନୀଳଗିରି ବନବିଭାଗର ରେଞ୍ଜ ଅଫିସର



ଆଇସା.ଏ.ନିଶାଙ୍କ ନେତୃତ୍ୱରେ ଏକ ଟିମ୍ କାଂଶ ଅଞ୍ଚଳରେ ଥିବା ପଦ୍ମତୋଳା ହ୍ରଦରେ ପକ୍ଷୀ ଗଣନା କରିଛନ୍ତି। ସେହିପରି କୁଳଡ଼ିହା ଅଭୟାରଣ୍ୟରେ ମଧ୍ୟ ପକ୍ଷୀ ଗଣନା ଚାଲିଛି। ଏସିଏଫ ଦିଗନ୍ତ ଚନ୍ଦଙ୍କ ନେତୃତ୍ୱରେ ସାତଘାଟି, ରଷିଆ, ଖମକୁଟ ଅଞ୍ଚଳରେ ପକ୍ଷୀ ଗଣନା କରାଯାଉ ଥିବା ଜଣାଯାଇଛି। ଏଥିରେ ଏସିଏଫ ରାମଚନ୍ଦ୍ର ମୁର୍ମୁ, କୁଳଡ଼ିହା ରେଞ୍ଜର ପ୍ରବୀର କୁମାର ମୁର୍ମୁ, ପୂର୍ବତନ ୱାଇଲ୍ଡ ଲାଇଫ ୱାର୍ଡନ୍ ପ୍ରକାଶ ମର୍ଦ୍ଦରାଜ, ପକ୍ଷୀ ବିଶେଷଜ୍ଞ ମନୋରଞ୍ଜନ ଦାସ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉକ୍ତ ପକ୍ଷୀ ଗଣନା କାର୍ଯ୍ୟରେ ସାମିଲ ହୋଇଛନ୍ତି।

## ମଦ ନିଶାରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା : ଅଭିଯୁକ୍ତ ଗିରଫ

**ଘଟଗାଁ, ୧୨।୧ :ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଧାଙ୍ଗରଡ଼ିହା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଘଟିଯାଇଛି ଏକ ଦୁଃଖଦ ଘଟଣା। ରାମଚନ୍ଦ୍ର ମହାକୁଡ଼ ନାମକ ବୃଦ୍ଧଙ୍କୁ ତାଙ୍କ ପଡ଼ିଶା ଘର ଅଭିଯୁକ୍ତ ପମା ନାଏକ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ଅପରାହ୍ନରେ ଧାଙ୍ଗଡ଼ଡ଼ିହା ଗ୍ରାମର ପମା ନାଏକ ଅତ୍ୟଧିକ ମଦ୍ୟପାନ କରି ତାଙ୍କ ଘରେ ପାଟିତୁଣ୍ଡ କରୁଥିଲା। ମୃତ ରାମଚନ୍ଦ୍ର ମହାକୁଡ଼ ତାଙ୍କୁ ବୁଝାସୁଝା କରିଥିଲେ। ପରେ ରାମଚନ୍ଦ୍ର ଘରୁ ଗାଧୋଇ ଯିବା ସମୟରେ ଅଭିଯୁକ୍ତ ପମା ନାଏକ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡ ପଛପଟକୁ ପିଟିଥିଲା। ଘଟଣାସ୍ଥଳରେ ରାମଚନ୍ଦ୍ର ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଘର ଲୋକ ତାଙ୍କୁ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି ପୋଲିସ।





# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


## ନିଶା ମାଫିଆଙ୍କ କବ୍‌ଜାରେ ବୌଦ୍ଧ ଜିଲ୍ଲା : ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ

**ବୌଦ୍ଧ, ୧୨।୧ :ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ବିକାଶ ଦିଗରେ ବିଶେଷ ଅଗ୍ରଗତି କରିନଥିଲେ ମଧ୍ୟ ଏବେ କିନ୍ତୁ ଏହି ଜିଲ୍ଲା ସବୁବେଳେ ଚର୍ଚ୍ଚାରେ ରହି ଆସିଛି ଏଠାକାର ଗଞ୍ଜେଇ ଚାଲାଣକୁ ନେଇ। ଜିଲ୍ଲାରେ ଅବାଧ ଗଞ୍ଜେଇ ଚାଷ ହେଉଥିବା ବେଳେ ଏହା ଏବେ କେତେକ ମାଫିଆଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ଚାଲାଣ ଧରା ପଡୁଥିବା ଏକ ନିୟମିତ ଘଟଣା ହୋଇଥିବା ବେଳେ ଏହାର ମୂଳ ଉତ୍ସ କିନ୍ତୁ ସବୁବେଳେ ସୁରକ୍ଷିତ ରହୁଛି। ଜିଲ୍ଲାର ବଘିଆପଡ଼ା ଫାଣ୍ଡି, ଆମ୍ବଝରୀ, ଟିକରପଡା, ବ୍ରାହ୍ମଣୀପାଲି ପଞ୍ଚାୟତର ସୁନାଝରି, ବାଙ୍କି, ବଏଲବେଡା ନାଳଖଣ୍ଡି, ଧାନବଳସ, କୁରକୁଚ ନାଳଖଣ୍ଡି, ବବଡା



ପିଛଲା, ଡଙ୍ଗା ଝୋଲ ଜଙ୍ଗଲ ଜମି, ଗେଡିବୁଡ଼ା ଜଙ୍ଗଲ, ପାବଳୀପଡା, ଶିଳେଜୁର, ମତାଗାଡୁ, ଡକେନଗଡ଼, ଭୁତମେଣ୍ଡି, ପଡ଼ମ, ରାମ୍ଭିକଟା, ପୋବାରୀ, କରଡାପାଲ, ଅନାମୁଣ୍ଡା, ଡିଡିଙ୍ଗା ପଦର, ସାନ ବବଡା ଆଦି ଜଙ୍ଗଲ ଜମିରେ ବ୍ୟାପକ ଗଞ୍ଜେଇ ଚାଷ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଜଙ୍ଗଲ ଜମିରୁ ଗଛ କଟାଯାଇ ଜମିକୁ ଚାଷପୋଯୋଗୀ କରାଯାଇ ଅବାଧରେ ଗଞ୍ଜେଇ ଚାଷ ହେଉଛି। ଏହି ଫାଣ୍ଡି ଅଧୀନରେ ଥିବା ଜଙ୍ଗଲ ଜମିରେ ଶହ ଶହ ଏକର ଜମିରେ ଗଞ୍ଜେଇ ଚାଷ ହୋଇଛି। ଜଙ୍ଗଲ ଜମିକୁ ପଦା କରାଯାଇ ବ୍ୟାପକ ଭାବେ ମାଫିଆମାନେ ଗଞ୍ଜେଇ ଚାଷ କରୁଥିଲେ ମଧ୍ୟ ଏହା କିପରି ଜଙ୍ଗଲ ବିଭାଗର ନଜରକୁ ଆସୁନାହିଁ ତାହାକୁ ନେଇ ଜନସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜଙ୍ଗଲ ଜମିରୁ ଗଛ କଟାଯାଇ, ଜମିକୁ ସମାନ୍ତରାଳ କରାଯାଇ ଚାଷ କରାଯାଇଛି। ଏତେ କାମ କରିବା ପାଇଁ ସମୟ ଲାଗୁଥିଲେ ମଧ୍ୟ କିପରି କାହାର ନଜର ପଡୁନାହିଁ ତାହାହିଁ ସବୁଠାରୁ ବଡ ପ୍ରଶ୍ନ। ଯେଉଁମାନେ ଚାଷ କରୁଛନ୍ତି ସେମାନଙ୍କ ବିଶେଷ ଲାଭ ହେଉନାହିଁ। ବରଂ ଲାଭବାନ ହେଉଛନ୍ତି ଚାଲାଣକାରୀ ମାଫିଆ ଦଳ ଓ ଏହାକୁ ପ୍ରଶ୍ରୟ ଦେଉଥିବା ଅଧିକାରୀମାନେ। ମନମୁଣ୍ଡା, କନ୍ଧମାଳ ଓ ବଘିଆପଡ଼ା ଅଞ୍ଚଳରୁ ଉତ୍ପାଦିତ ହେଉଥିବା ଗଞ୍ଜେଇର ଚାହିଦା ମଧ୍ୟ ବଜାରରେ ଖୁବ୍ ବେଶୀ। ବୌଦ୍ଧରୁ ଉତ୍ପାଦିତ ହେଉଥିବା ଗଞ୍ଜେଇ ସୋନପୁର-ସମ୍ବଲପୁର-ବରଗଡ଼ ଦେଇ ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଏପରିକି କଶ୍ମୀରଯାଏଁ ଚାଲାଣ ହେଉଥିବା ଅଭିଯୋଗ ହେଉଛି।

## କଟକରୁ ରାଜଧାନୀ ଆସିଥିବା ୨ ହରିଣ ମୃତ : ମୃତ୍ୟୁର କାରଣ ଅସ୍ପଷ୍ଟ

**କଟକ, ୧୨।୧ :ନ୍ୟୁଜ୍‌ବ୍ୟୁରୋ**

କଟକ ହରିଣ ପାର୍କରୁ ଭୁବନେଶ୍ୱର ଚନ୍ଦକା ଡମପଡ଼ା ଅଭୟାରଣ୍ୟ ଆସିଥିବା ବେଳେ ଦୁଇଟି ହରିଣର ମୃତ୍ୟୁ ହୋଇଛି। ଆସିଥିବା ୨୭୬ ହରିଣରୁ ଜଙ୍ଗଲ ମଝି ଅମ୍ବିଲୋକୁ ଆସିଲେ ୧୬୬ଟି ହରିଣ ଓ ଭରତପୁର ଜଙ୍ଗଲରେ ୧୧୦ଟି ହରିଣ ଛଡ଼ାଯାଇଥିଲା। ସମୁଦାୟ ୨୭୬ଟି ହରିଣ ଆସିଥିବା ବେଳେ ସେଥିରୁ ୨ଟି ହରିଣର ମୃତ୍ୟୁ ଘଟିଛି। ତେବେ କାହିଁକି ଏବଂ କେଉଁ ପରିସ୍ଥିତିରେ ୨ ହରିଣର ଜୀବନ ଗଲା ତା'ର କରଣ ଅସ୍ପଷ୍ଟ ରହିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି। ସେପଟେ ଚନ୍ଦକା ଡିଏଫଓ ଶରତ ବେହେରାଙ୍କ ସୂଚନା ଅନୁସାରେ, ଚନ୍ଦକା ଜଙ୍ଗଲ ଆମ୍ବିଲୋ ଠାରେ ୩.୫ ଏକର ସ୍ୱତନ୍ତ୍ର କରିଡ଼ର ଜାଗାରେ ହରିଣମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଭୁବନେଶ୍ୱର ରେଞ୍ଜ ଭରତପୁର ଜଙ୍ଗଲର ସ୍ୱତନ୍ତ୍ର ୨ ଏକର ଜାଗାରେ ହରିଣମାନଙ୍କୁ ସ୍ଥାନାନ୍ତର କରାଯାଇଛି। କଟକର ତୁଳସୀପୁର ମଧୁସୂଦନ ନଗର ସ୍ଥିତ ହରିଣ ପାର୍କରୁ ଆସିଥିବା ହରିଣମାନଙ୍କୁ ଜଙ୍ଗଲ ସଫାରୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏହାକୁ ଦେଖିବାର ସୁଯୋଗ ପାଇବେ ବୋଲି ଡିଏଫଓ କହିଛନ୍ତି।

## ଭିଜିଲାନ୍ସ ଜାଲରେ ଟ୍ରାଫିକ୍ ଇନ୍ସପେକ୍ଟର

**ଭୁବନେଶ୍ୱର, ୧୨।୧ :ନ୍ୟୁଜ୍‌ବ୍ୟୁରୋ**

ଭିଜିଲାନ୍ସ ଜାଲରେ କୁବେର ଟ୍ରାଫିକ ଇନ୍ସପେକ୍ଟର। ତାଳଚେରର ଟ୍ରାଫିକ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରାଙ୍କ ଗାଡ଼ିରୁ ୧୧ ଲକ୍ଷ ୧୫ ହଜାର ୪୭୦ ଟଙ୍କା ଜବତ କରିଛି ଭିଜିଲାନ୍ସ ବିଭାଗ। କାର୍‌ରେ ତାଳଚେରରୁ ଅସ୍ତରଙ୍ଗ ଯିବା ବେଳେ ବାଲିଅନ୍ତା ତ୍ରିନାଥ ବଜାର ନିକଟରେ ଟ୍ରାଫିକ ଇନ୍ସପେକ୍ଟରଙ୍କୁ ଅଟକାଇଥିଲେ ଭିଜିଲାନ୍ସ ଅଧିକାରୀ। ଆଉ ତାଙ୍କ ଗାଡ଼ିରୁ ମିଳିଥିବା ନଗଦ ୧୧ ଲକ୍ଷରୁ ଅଧିକ ଟଙ୍କା କେଉଁଠୁ ଆଣିଲେ, ଟଙ୍କା କାହାର, ଟଙ୍କା ନେଇ ସେ କେଉଁଠିକୁ ଯାଉଛନ୍ତି, ତାହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ।

ଏହାପରେ ତାଳଚେରରେ ଥିବା ଭଡ଼ା ଘର ଓ ଅସ୍ତରଙ୍ଗରେ ଥିବା ବାସଭବନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ ଚାଲିଛି। ଚଢ଼ଉ ବେଳେ ତାଳଚେର ସ୍ଥିତ ଭଡ଼ାଘରୁ ନଗଦ ୩ ଲକ୍ଷ ୮ ହଜାର ୭୫୦ ଟଙ୍କା ସହ ୩୩୬ ଗ୍ରାମ୍ ସୁନା ଜବତ ହୋଇଛି। ସେହିପରି ଅସ୍ତରଙ୍ଗରେ ଥିବା ଜିତେନ୍ଦ୍ର କୁମାର ବେହେରାଙ୍କ ବାସଭବନରୁ ନଗଦ ୧୦ ଲକ୍ଷ ଟଙ୍କା ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଭିଜିଲାନ୍ସ ଚଢ଼ଉରୁ ନଗଦ ୨୪ ଲକ୍ଷ ୨୪ ହଜାର ଟଙ୍କା ଓ ବିପୁଳ ସୁନା ଅଳଙ୍କାର ଜବତ ହୋଇଛି। ଏବେ ଜିତେନ୍ଦ୍ରଙ୍କ ସଂପର୍କୀୟଙ୍କ ଘରେ ମଧ୍ୟ ଭିଜିଲାନ୍ସ ଚଢ଼ଉ କରୁଛି।